## ଅମାନିଆଙ୍କଠାରୁ ୨୦୦୦ ଜରିମାନା ଆଦାୟ

ଗୋବିନ୍ଦପୁର ଥାନା ଅଞ୍ଚଳରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୨୦ଜଣ ଅମାନିଆଙ୍କଠାରୁ ଶନିବାର ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଥିବାବେଳେ ଗୋଗଳ, ଗୁଣ୍ଡାଦୋଳ, ତୁପଡା, ନାହାଳପୁର ଆଦି ସ୍ଥାନରେ ଅମାନିଆମାନେ ମାସ୍କ ପିନ୍ଧି ନ ଥିବାବେଳେ ବାହାରେ ଅଯଥାରେ ବୁଲୁଥିଲେ। ଗୋବିନ୍ଦପୁର ଥାନା ଏଏସ୍‌ଆଇ ଆଲୋକ ଲେଙ୍କାଙ୍କ ନେତୃତ୍ୱରେ ଉପରୋକ୍ତ ସ୍ଥାନରେ ଯାଞ୍ଚବେଳେ ଏହି ଜରିମାନା ଆଦାୟ କରାଯାଇଥିଲା।



## ସଂକ୍ଷେପରେ

### ଘରୋଇ ହସ୍ପିଟାଲ ଓ ହୋଟେଲରେ ସଙ୍ଗରୋଧ ଶଯ୍ୟା ବଢ଼ିବ

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ):** ରାଜଧାନୀରେ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ଘରୋଇ ହସ୍ପିଟାଲ ଓ ହୋଟେଲ ସଙ୍ଗରୋଧ କେନ୍ଦ୍ରର ଶଯ୍ୟା ବୃଦ୍ଧି ପାଇଁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ କମିଶନର ସଞ୍ଜୟ ସିଂହ ଶନିବାର ଭର୍ଚୁଆଲ ଭାବେ ଘରୋଇ ହସ୍ପିଟାଲ ଓ ହୋଟେଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ହୋଟେଲ ଓ ଘରୋଇ ହସ୍ପିଟାଲ ମଧ୍ୟରେ ଚୁକ୍ତି କରାଯିବ। ଏଠାରେ ଗୁରୁତର ନ ଥିବା କରୋନା ସଂକ୍ରମିତମାନେ ସଙ୍ଗରୋଧରେ ରହିପାରିବେ ଓ ଅକ୍ସିଜେନ୍‌ର ସୁବିଧା ମଧ୍ୟ ରହିବ। ଏହା କରୋନାଜନିତ ବିଭିନ୍ନ ସମସ୍ୟା ରୋକିବାରେ ସହାୟକ ହେବ ବୋଲି କମିଶନର ଆଶାବ୍ୟକ୍ତ କରିଛନ୍ତି।

### କରୋନାରୁ ରକ୍ଷା ପାଇଁ ହନୁମାନ ଚାଳିଶା ପାଠ

**ବାଲିଅନ୍ତା, ୧୫।୫(ଡି.ଏନ୍.ଏ.):** କରୋନା ଦାଉରୁ ରକ୍ଷା ପାଇବା ପାଇଁ ଶନିବାର ସଂକ୍ରାନ୍ତି ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ଦୁଦୁରାବସ୍ତ ଗ୍ରାମରେ ଥିବା ପ୍ରତ୍ୟକ୍ଷ ତଥା ପ୍ରାଚୀନ ମହାବୀରଙ୍କ ପାଖରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ବିପଦ ଖଣ୍ଡନ ତଥା ରୋଗ ବ୍ୟାଧି ଦୂର କରୁଥିବା ଜୟ ବଜରଙ୍ଗବାଲୀ ଏହି ମହାମାରୀ ସଙ୍କଟରୁ ଉଦ୍ଧାର କରିବେ। ତେଣୁ ପ୍ରାଚୀ କୂଳରେ ଆବିର୍ଭୂତ ହୋଇଥିବା ଏହି ପ୍ରତ୍ୟକ୍ଷ ମହାବୀରଙ୍କ ଶରଣ ପଶିଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରାୟ ୮ଘଣ୍ଟା ଧରି ଏହି ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ୧୦ଜଣ ବ୍ୟକ୍ତି ଏହି ପାଠର ଆୟୋଜନ କରିଥିଲେ। ମହାବୀରଙ୍କ ନିକଟରେ ଚାଳିଶା ପାଠ ସହ ୧୦୮ ଦୀପ ଲଗାଯାଇଥିଲା। ଶେଷରେ ଏହି କରୋନା କବଳରୁ ରାଜ୍ୟ ତଥା ଦେଶବାସୀଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରିବା ସହ ହରିବୋଲ ଦେଇଥିଲେ।

### ୨ ବଖରା ଜଳିଗଲା

**ବାଲିଅନ୍ତା, ୧୫।୫(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ଅଧୀନ ସାହେବନଗର ଗ୍ରାମରେ ଶନିବାର ଅପରାହ୍ନରେ ହଠାତ୍ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ବାଲିପାଟଣାରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ମଧ୍ୟ ଜଳି ନଷ୍ଟ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର ସ୍ପଷ୍ଟ କାରଣ ଜଣାପଡ଼ି ନାହିଁ।

### ଶଟ୍‌ଡାଉନରେ ଅଚାନକ ଚଢ଼ାଉ

**ବାଲିପାଟଣା, ୧୫।୫(ଡି.ଏନ୍.ଏ.):** ଶନିବାର ଶଟ୍‌ଡାଉନରେ ତହସିଲଦାର ସୁନୀତା ଜେନା ଅଚାନକ ବାଲିପାଟଣା ହାଟରେ ଚଢ଼ାଉ କରିଥିଲେ। ଦୋକାନ ଖୋଲିଥିବା ଜଣେ ଦୋକାନୀଙ୍କୁ ତାଗିଦ୍ କରିବା ସହ ଆଗକୁ ଏପରି କଲେ ୭ଦିନ ପାଇଁ ସିଲ୍ କରାଯିବ ବୋଲି ଚେତାବନୀ ଦେଇଥିଲେ। ବାଲିପାଟଣା ଛକ ଓ ଅଠାନ୍ତର ଛକ ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ଦୋକାନ ଖୋଲା ନ ଥିଲା। ଶଟ୍‌ଡାଉନରେ ଯାତାୟାତ କରୁଥିବା କେତେଜଣ ଅମାନିଆଙ୍କୁ ଧରି ସେମାନଙ୍କଠାରୁ ୨୧୫୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ରାଜସ୍ୱ ନିରୀକ୍ଷକ ସମଦର୍ଶୀ ସାମନ୍ତରାୟଙ୍କ ସମେତ ଅନ୍ୟ ତହସିଲ କର୍ମଚାରୀ ସାମିଲ ହୋଇଥିଲେ।

### ଦୋକାନ ଖୋଲିବାକୁ ବାରଣ କରିବାରୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଇଶାନେଶ୍ୱର ବସ୍ତିରେ ସପ୍ତାହାନ୍ତ ଶଟ୍‌ଡାଉନରେ ଦୋକାନ ଖୋଲିବାକୁ ବାରଣ କରିବାରୁ ରାମଚନ୍ଦ୍ର ବଳଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଆକ୍ରମଣକାରୀ ଭରତ ଆଦତ୍ ନାମକ ଯୁବକଙ୍କୁ ପୋଲିସ ଅଟକ ରଖିଛି। ଭରତ ଇଶାନେଶ୍ୱର ବସ୍ତିରେ ଏକ ଗ୍ରସେରୀ ଦୋକାନ କରିଛନ୍ତି। ଶଟ୍‌ଡାଉନରେ ଦୋକାନ ଖୋଲିଥିବାରୁ ରାମଚନ୍ଦ୍ର ପୋଲିସକୁ ଜଣାଇଥିଲେ। ପୋଲିସ ତାଗିଦ କରିଯିବା ପରେ ଭରତ ଏକ ଲୁହାରଡରେ ରାମଚନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଭରତ ନିଜ ଗ୍ରସେରୀ ଦୋକାନରେ ମଦ ଓ ବ୍ରାଉନସୁଗାର ବେପାର କରୁଥିବା ନେଇ ଲୋକେ ପୋଲିସକୁ ଜଣାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେହିପରି ସେଭେନ୍ ଚ୍ୟାନେଲର ପରିଚୟ ପତ୍ର ରଖି ବସ୍ତିବାସୀଙ୍କୁ ଧମକ ଦେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେବେ ଏହି ଆକ୍ରମଣ ପାଇଁ ଲୋକେ ପୋଲିସକୁ ଦାୟୀ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପାଇଁ ଟିକା, ଟେଷ୍ଟିଂ ସୁବିଧା

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

**ବିଏମ୍‌ସିର ସ୍ୱତନ୍ତ୍ର ବ୍ୟବସ୍ଥା**
- ୧୯୨୯ରେ ଜଣାଇଲେ ଘରେ ପହଞ୍ଚିବ ମୋବାଇଲ୍ ଟିମ୍
- ବିନା କାରଣରେ ବାହାରକୁ ନ ଯିବାକୁ ଅପିଲ କଲେ କମିଶନର

ଭୁବନେଶ୍ୱରରେ ହୁହୁ ହୋଇ ବଢୁଥିବା ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବା ପାଇଁ ଟିକାକରଣ ଓ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଲୋକେ ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ଏହା କଷ୍ଟକର ହୋଇପଡୁଛି। ବିଶେଷକରି ଏକୁଟିଆ ରହୁଥିବା ବା ବାହାରକୁ ବାହାରିପାରୁ ନ ଥିବା ବରିଷ୍ଠ ନାଗରିକମାନେ ଏକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥିତିରେ ଏମାନଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। କରୋନାର କୌଣସି ଲକ୍ଷଣ ଦେଖାଗଲେ ବରିଷ୍ଠ ନାଗରିକ ୧୯୨୯କୁ ଫୋନ୍ କରି ନିଜର ସମ୍ପୂର୍ଣ୍ଣ ତଥ୍ୟ ଓ ଠିକଣା ଦେବେ। ଏହାପରେ ବିଏମ୍‌ସିର ମୋବାଇଲ ଟିମ୍ ସେମାନଙ୍କ ଘରକୁ ଯାଇ ନମୁନା ସଂଗ୍ରହ କରିବ। ସେହିପରି ଟିକା କେନ୍ଦ୍ରକୁ ଆସି ପାରୁ ନ ଥିବା ବରିଷ୍ଠ ନାଗରିକ ଉକ୍ତ ନମ୍ବରରେ ଯୋଗାଯୋଗ କଲେ ଭ୍ୟାନ୍ ଆସି ତାଙ୍କୁ ଘରୁ ନେଇ ଟିକାକରଣ କରାଇବ ଓ ଏହାପରେ ଘରେ ନେଇ ଛାଡିବ। ଆସନ୍ତା ସୋମବାରଠାରୁ ଏହି ଦୁଇଟି ସୁବିଧା ମିଳିପାରିବ ବୋଲି ଶନିବାର ବିଏମ୍‌ସି କମିଶନର ସଞ୍ଜୟ ସିଂହ ସୂଚନା ଦେଇଛନ୍ତି। ଏହାବ୍ୟତୀତ ସୋମବାରଠାରୁ ମହାନଗର ଅଞ୍ଚଳରେ ଟେଷ୍ଟିଂକୁ ବଢାଇବା ପାଇଁ ମଧ୍ୟ ଚେଷ୍ଟା କରାଯାଉଛି। ସେହିପରି ଆଗାମୀ ଦିନରେ କିପରି ଟିକାକରଣ କେନ୍ଦ୍ର ଓ ଟିକାକରଣ ସଂଖ୍ୟାକୁ ବୃଦ୍ଧି କରାଯାଇ ପାରିବ ସେ ନେଇ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଥିବା କମିଶନର କହିଛନ୍ତି। ଏଥିସହ ଲକ୍‌ଡାଉନ୍ ସମୟରେ ଅତି ଆବଶ୍ୟକତା ନ ଥିଲେ ଘରୁ ନ ବାହାରିବା ପାଇଁ କମିଶନର ଅପିଲ କରିଛନ୍ତି। ଜରୁରୀ କାମରେ ବାହାରକୁ ବାହାରିଲେ ଠିକ୍ ଭାବେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖନ୍ତୁ। ଘରକୁ ଫେରିବା ପରେ ଭଲଭାବେ ହାତ ଧୋଇବା ତଥା ସାନିଟାଇଜ୍ କରନ୍ତୁ। କୌଣସି ଲକ୍ଷଣ ଦେଖାଗଲେ ତାହାକୁ ନ ଲୁଚାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କରୋନା ସମ୍ପର୍କିତ କୌଣସି ପରାମର୍ଶ ତଥା ସୂଚନା ପାଇଁ ବିଏମ୍‌ସି ପକ୍ଷରୁ ୨୪ଘଣ୍ଟା କାର୍ଯ୍ୟ କରୁଥିବା କଲ୍ ସେଣ୍ଟ ନଂ.୧୯୨୯କୁ ଫୋନ୍ କରି ଏହାର ସୁଯୋଗ ଉଠାଇବାକୁ କହିଛନ୍ତି। ଭୁବନେଶ୍ୱରରେ ସଂକ୍ରମିତଙ୍କ ପାଇଁ ବେଡ୍ ସଂଖ୍ୟା ଓ ଅକ୍ସିଜେନ୍ ସିଲିଣ୍ଡର ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ କରୋନା ସଂକ୍ରମିତଙ୍କୁ କିଭଳି ଆହୁରି ଭଲ ସେବା ଯୋଗାଇ ଦିଆଯିବ ସେ ନେଇ ଚେଷ୍ଟା ଜାରି ରହିଛି ବୋଲି କମିଶନର କହିଛନ୍ତି।

## ସହରରେ ସାନିଟାଇଜ୍ ଆରମ୍ଭକଲା ବିଏମ୍‌ସି




ସତ୍ୟନଗର ଶ୍ମଶାନକୁ ସାନିଟାଇଜ୍ କରାଯାଉଛି।

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

ଭୁବନେଶ୍ୱର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ବହୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଆକ୍ରାନ୍ତ ରହୁଥିବା ବିଭିନ୍ନ ଅଞ୍ଚଳ ସମେତ ଶ୍ମଶାନ, ମାର୍କେଟ ଓ ହସ୍ପିଟାଲକୁ ବିଏମ୍‌ସି ପକ୍ଷରୁ ଶନିବାରଠାରୁ ସାନିଟାଇଜ୍ ଅଭିଯାନ ଆରମ୍ଭ ହୋଇଛି। ଏଥିଲାଗି ୩ ଜୋନ୍ ପାଇଁ ୩ଟି ଲେଖାଏ ୯ଟି ଗାଡିକୁ ନିୟୋଜିତ କରାଯାଇଛି। ପ୍ରତି ସାନିଟାଇଜ୍ ଗାଡିକୁ ପରିଚାଳନା କରିବା ପାଇଁ ୩ଜଣ ଲେଖାଏ କର୍ମଚାରୀ ଓ ସାନିଟେଶନ ଏକ୍ସପର୍ଟ ରହିଛନ୍ତି। ସତ୍ୟନଗର ଶ୍ମଶାନ, ୟୁନିଟ-୧ ମାର୍କେଟ, ୟୁନିଟ୍-୪ ମାର୍କେଟ, ପରିବା ହାଟ, ହସ୍ପିଟାଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକୁ ସାନିଟାଇଜ୍ କରାଯାଇଥିଲା। ସେହିପରି ସଂଖ୍ୟାଧିକ କରୋନା ସଂକ୍ରମିତ ଚିହ୍ନଟ ହେଉଥିବା ଦକ୍ଷିଣପୂର୍ବ ଜୋନ୍ ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରର ଅଧିକାଂଶ ସ୍ଥାନ, ଲକ୍ଷ୍ମୀସାଗର, ଉତ୍ତର ଜୋନ୍‌ର ପଟିଆ, ରସୁଲଗଡ, ଡମଣା ଗାଁ ଅଞ୍ଚଳ ଓ ଦକ୍ଷିଣ ପଶ୍ଚିମ ଜୋନ୍‌ର ନୟାପଲ୍ଲୀ, ସୂର୍ଯ୍ୟ ନଗର, ଆଇଆର୍‌ସି ଭିଲେଜ୍, ଜାଗମରା ଓ ଢ଼ୁମୁଢ଼ୁମା ଅଞ୍ଚଳକୁ ସାନିଟାଇଜ୍ କରାଯାଇଥିଲା। ଅନ୍ୟପକ୍ଷରେ ଝାରପଡ଼ା ଜେଲ ଅଧୀକ୍ଷକ, ଜେଲରଙ୍କ ସମେତ ୧୦ଜଣ କର୍ମଚାରୀ କରୋନା ଆକ୍ରାନ୍ତ ହେବାପରେ ଶନିବାର କର୍ମଚାରୀଙ୍କ କ୍ୱାର୍ଟର୍ସଗୁଡିକୁ ସାନିଟାଇଜ କରାଯାଇଛି। ପରବର୍ତ୍ତୀ ସମୟରେ ୱାର୍ଡଗୁଡିକ ସାନିଟାଇଜ କରାଯିବବୋଲି ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

# ଶଟ୍‌ଡାଉନ୍ ପ୍ରଭାବରେ ରାସ୍ତାଘାଟ ଶୂନ୍‌ଶାନ



ଶନିବାର ଶଟ୍‌ଡାଉନ୍ ପାଇଁ ସିଡିଏ ବେଲ୍‌ଭ୍ୟୁ ଛକ ଶୂନ୍‌ଶାନ।

**କଟକ ଅଫିସ, ୧୫।୫**

**ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି**

ସହରରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ଫଳରେ ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ବେଳେ ସହରରେ ଦୋକାନବଜାର ବନ୍ଦ ରହିଥିବାବେଳେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡିଥିଲା। ସହରର ମଧୁପାଟଣା, ବାଦାମବାଡ଼ି, ଓଏମ୍‌ପି, ଲିଙ୍କ୍‌ରୋଡ, କଲେଜଛକ, ରାଣୀହାଟ, ଚୌଧୁରୀ ବଜାର ଆଦି ସ୍ଥାନରେ ପୋଲିସ ପକ୍ଷରୁ ହେଲ୍‌ମେଟ୍ ଓ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଥିଲା। ମାସ୍କ, ହେଲ୍‌ମେଟ୍ ପିନ୍ଧି ନ ଥିବା ଲୋକଙ୍କଠାରୁ ପୋଲିସ ଜରିମାନା ଆଦାୟ କରୁଥିବା ଦେଖିବାକୁ ମିଳିଥିଲା।

## ଜେଲ କର୍ମଚାରୀଙ୍କୁ ମୋବାଇଲ ମନା

**ଆଇଜିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍**

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଝାରପଡ଼ା ସ୍ୱତନ୍ତ୍ର ଜେଲ କର୍ମଚାରୀଙ୍କ ପାଇଁ କଡ଼ା ନିୟମ ଗ୍ରହଣ କରାଯାଇଛି। କାରାଗାର ଅଧିକ୍ଷକ, ଜେଲରଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନେ ଡ୍ୟୁଟି ସମୟରେ ଜେଲ ଭିତରକୁ ମୋବାଇଲ ଫୋନ ନେଇ ପାରିବେ ନାହିଁ। ସେହିପରି ଜେଲ ଆଇଜିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ନିୟମିତଭାବେ ଚଢ଼ାଉ କରି ମୋବାଇଲ ଫୋନ୍ ଓ ନିଶାଦ୍ରବ୍ୟ ପ୍ରବେଶପରି ବେଆଇନ କାର୍ଯ୍ୟକୁ ରୋକିବ। ଫାଟକ ୱାର୍ଡରମାନେ ନିୟମିତ ବଦଳିବା ସହ ରୋଟେଶନରେ ଅନ୍ୟ ଡ୍ୟୁଟି ସମ୍ଭାଳିବେ। ଏନେଇ ଜେଲ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗତ ୧୨ ତାରିଖରେ ଝାରପଡା ଜେଲ ଭିତରର ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ କଏଦୀମାନେ ନିଶା ସେବନ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ନିଶା ଜେଲ ଭିତରକୁ କିପରି ଯାଉଛି ବୋଲି ତନାଘନା ଆରମ୍ଭ ହୋଇଥିଲା। ଏଥିରେ ଜେଲର କେଜେଣ ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଜେଲ ବିଭାଗ ସନ୍ଦେହ କରିବାପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

## କମିଶନରେଟ ପୋଲିସର ୨୧୦ ସଂକ୍ରମିତ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ୨୧୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ କରୋନା ସଂକ୍ରମିତ ହୋଇଛନ୍ତି। ଏନେଇ ଶନିବାର ଦ୍ୱୈତ୍ୟନଗରୀର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ସଂକ୍ରମିତ କର୍ମଚାରୀଙ୍କ ମଧ୍ୟରେ ୧୪ଜଣ ଅଫିସର ର୍‍ୟାଙ୍କର ଥିବା ନେଇ ସିପି ସୂଚନା ଦେଇଛନ୍ତି। ତେବେ ଆକ୍ରାନ୍ତ ପୋଲିସ ଅଧିକାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟ ସଂକ୍ରମିତ ପୋଲିସ କର୍ମଚାରୀମାନେ ଗୃହ ସଙ୍ଗରୋଧରେ ଚିକିତ୍ସିତ ହେଉଥିବା କମିଶନର ସୂଚନା ଦେଇଛନ୍ତି।

# ଡାକ୍ତରଙ୍କ ପରିବାର ଲୋକଙ୍କୁ ଦିଆଯାଉ କୋଭିଡ୍ ଟିକା

**କଟକ ଅଫିସ ୧୫।୫**

ପରିବାର ଲୋକଙ୍କୁ କୋଭିଡ୍-୧୯ ଟିକା ଦେବା ପାଇଁ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ପତ୍ର ପ୍ରଦାନ କରାଯାଇଛି। ଜୁନିୟର ଡାକ୍ତରମାନେ କରୋନା ରୋଗୀଙ୍କ ଚିକିତ୍ସା କରୁଥିବାରୁ ସେମାନଙ୍କ ଜରିଆରେ ପରିବାର ଲୋକ ସଂକ୍ରମିତ ହେବାର ଆଶଙ୍କା କରି ସବୁବେଳେ ଚିନ୍ତାରେ ରହୁଛନ୍ତି। ଏଣୁ ରାଜ୍ୟ ସରକାର ଡାକ୍ତରଙ୍କ ପରିବାର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ଦେବାକୁ ଉକ୍ତ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଏହାର ନକଲ ସ୍ୱାସ୍ଥ୍ୟମନ୍ତ୍ରୀ, ନିର୍ଦ୍ଦେଶକ, ଏସ୍‌ସିବି ପ୍ରିନ୍ସିପାଲ ଓ ଏସ୍‌ସିବି ଅଧକ୍ଷାଙ୍କୁ ପ୍ରଦାନ କରାଯାଇଛି।

## ଡ୍ରାଇଭ୍ ଇନ୍ ଭାକ୍ସିନେଶନ ଅବଧି ବଢ଼ିଲା

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଟିକାକରଣକୁ ସୁଦୃଢ଼ କରିବା ସହ ଏହାର ସୁପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡ୍ରାଇଭ୍ ଇନ୍ ଭାକ୍ସିନେଶନର ବ୍ୟବସ୍ଥା କରାଯାଇଛି। କୋଭିଡ୍‌ର ପ୍ରଥମ ଡୋଜ୍ ଟିକା ନେଇଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ରସୁଲଗଡ ସ୍ଥିତ ଏସ୍‌ପ୍ଲାନେଡ୍, କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ, ରୁଦ୍ରପୁରସ୍ଥିତ ସିମ୍ଫୋନି ମଲ୍, ପଟିଆ କିଟ୍ ବିଶ୍ୱବିଦ୍ୟାଳୟର କ୍ରିକେଟ୍ ଷ୍ଟାଡିୟମ୍ ଓ କଳିଙ୍ଗନଗରସ୍ଥିତ ଡିଏନ୍ ରେଗାଲିଆ ମଲ୍‌ରେ ଟିକାକରଣ ଚାଲିଛି। ତେବେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟିକାକରଣକୁ ବିଏମ୍‌ସି ପକ୍ଷରୁ ଆଉ ୬ଦିନ ବଢାଇ ଦିଆଯାଇଛି। ରବିବାର ଟିକାକରଣ ବନ୍ଦ ରହୁଥିବାରୁ ୧୭ ତାରିଖ ସୋମବାରଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି କେନ୍ଦ୍ରରେ ଦୈନିକ ୫ଶହ ଲେଖାଏ ସ୍ଲଟ ଉପଲବ୍ଧ ହେବ। ଏନେଇ ଶନିବାର ସନ୍ଧ୍ୟା ୬ଟାରୁ ବୁକିଂ ଆରମ୍ଭ ହୋଇଛି।

# ଭୁବନେଶ୍ୱରରେ ସଂକ୍ରମଣ ୬୦ ହଜାର ପାର

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

**ଆଉ ୧୧୧୮ ଚିହ୍ନଟ, ୮୫୧ ସୁସ୍ଥ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ପ୍ରତିଦିନ ହଜାରେ ଉପରେ ସଂକ୍ରମିତ ବାହାରୁଛନ୍ତି। ଗତ ୨୪ ଘଣ୍ଟାରେ ୧୧୧୮ ପଜିଟିଭ୍ ଚିହ୍ନଟ ପରେ ସହରରେ ମୋଟ ଆକ୍ରାନ୍ତ ସଂଖ୍ୟା ୬୦ହଜାର ପାର କରିଛି। ସ୍ଥାନୀୟ ଆକ୍ରାନ୍ତଙ୍କ ପାଇଁ ସହର ସ୍ଥିତି ସଙ୍ଗିନ ହେଉଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୭୪ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୯୪୪ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୫୮ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀରୁ ୫୨ଜଣ, ସାମନ୍ତରାପୁରରୁ ୪୯, ଖଣ୍ଡଗିରିରୁ ୪୮, ପୁରୁଣା ଭୁବନେଶ୍ୱରରୁ ୪୯, ରସୁଲଗଡରୁ ୧୮, ନୀଳାଦ୍ରିବିହାରରୁ ୧୭, ୟୁନିଟ-୯ରୁ ୨୩, ୟୁନିଟ-୬ରୁ ୧୬, ଭିଏସ୍‌ଏସ୍ ନଗରରୁ ୧୪, ଟଙ୍କପାଣିରୋଡ୍‌ରୁ ୧୦, ୟୁନିଟ-୮ରୁ ୧୩, ପୋଖରୀପୁଟରୁ ୧୬, ଲକ୍ଷ୍ମୀସାଗରରୁ ୩୫, ଢ଼ୁମୁଢ଼ୁମାରୁ ୩୩, ଚନ୍ଦ୍ରଶେଖରପୁରରୁ ୩୦, ଝାରପଡାରୁ ୨୦, ମଞ୍ଚେଶ୍ୱରରୁ ୧୦, ବଡଗଡରୁ ୨୦, କଳ୍ପନାରୁ ୧୪, ବିଜେବି ନଗରରୁ ୧୧, ଭରତପୁରରୁ ୧୩, ବରମୁଣ୍ଡାରୁ ୧୦, ଖାରବେଳ ନଗରରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆକ୍ରାନ୍ତ ସଂଖ୍ୟା ୬୦,୨୮୧ରେ ପହଞ୍ଚିଛି। ସେହିପରି ୨ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ଏହି ସଂଖ୍ୟା ୨୯୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆଉ ୮୫୧ଜଣ ସଂକ୍ରମିତ ସୁସ୍ଥ ହୋଇ ଥିବାରୁ ଆରୋଗ୍ୟ ସଂଖ୍ୟା ୪୮ହଜାର ୨୮୬ରେ ପହଞ୍ଚିଛି ଓ ବର୍ତ୍ତମାନ ସହରରେ ୧୧,୬୮୩ ସକ୍ରିୟ ସଂକ୍ରମିତ ରହିଛନ୍ତି।



କଳ୍ପନା ଛକରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

# ମହିଳା ଓ ଶିଶୁ ବିକାଶ ବିଭାଗର ମାର୍ଗଦର୍ଶିକା ଜାରି

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

**ସମନ୍ୱିତ ଶିଶୁ ବିକାଶ ଯୋଜନାରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ**

ମହିଳା, ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଡିଏସ୍‌ଡବ୍ଲ୍ୟୁ ଓ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାଙ୍କ ସହ ଭର୍ଚୁଆଲ ବୈଠକରେ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହାପରେ ମାର୍ଗଦର୍ଶିକା ଜାରି ନେଇ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। କରୋନାର ଦ୍ୱିତୀୟ ଲହର ଘାତକ ହୋଇଥିବାରୁ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପୁଷ୍ଟିସାଧନ, ସ୍ତନ୍ୟପାନ, ଅତିଶୟ ପୁଷ୍ଟିହୀନ ଶିଶୁଙ୍କ(ସାମ୍) ସ୍ୱାସ୍ଥ୍ୟରକ୍ଷା ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନ ବିଭିନ୍ନ ଅଙ୍ଗନୱାଡି କାର୍ଯ୍ୟକ୍ରମରେ କରୋନା ସମ୍ପର୍କିତ ସାବଧାନତା ଅବଲମ୍ବନ ଜରୁରୀ ବୋଲି ଚିଠିରେ ଲେଖାଯାଇଛି। ତେବେ ମାର୍ଗଦର୍ଶିକା ଅନୁସାରେ, ଆଇସିଡିଏସ୍ କ୍ଷେତ୍ର କର୍ମଚାରୀ ଓ ହିତାଧିକାରୀ ପରସ୍ପର ସହ ମତ ବିନିମୟ ସମୟରେ ମାସ୍କ ପିନ୍ଧିବେ। ୨ ବର୍ଷରୁ ଊର୍ଦ୍ଧ୍ୱ ପିଲା ଘରୁ ବାହାରକୁ ଆସିଲେ ମାସ୍କ ପିନ୍ଧିବାକୁ ଅଭିଭାବକଙ୍କୁ ସଚେତନ କରାଯିବ। କୌଣସି ଲକ୍ଷଣ ଦେଖାଗଲେ ସଙ୍ଗରୋଧରେ ରହିବେ। ସ୍ୱାସ୍ଥ୍ୟରେ ଅବନତି ହେଲେ ହସ୍ପିଟାଲରେ ଆଡ୍‌ମିଟ୍ କରାଯିବ। ଶିଶୁଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ସଦ୍ୟ ପ୍ରସ୍ତୁତ ଲୁଣି, ମିଠା ଏବଂ ଚର୍ବିରହିତ ପୁଷ୍ଟିକର ଖାଦ୍ୟ ଦିଆଯିବ। ପୂର୍ବରୁ ଚିହ୍ନଟ ହୋଇଥିବା ସାମ୍ ଓ ଅତିଶୟ ଅଳ୍ପ ଓଜନ ବିଶିଷ୍ଟ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ସିଡିପିଓ, ସୁପରଭାଇଜର ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଶନିବାର କିଶୋରୀଙ୍କୁ ଦିଆଯାଉଥିବା ଆଇରନ୍ ଓ ଫଲିକ୍ ଏସିଡ୍ ବଟିକା ଘରପାଖରେ ଆଶା/ଅଙ୍ଗନ୍‌ୱାଡ଼ି କର୍ମୀମାନେ ଯୋଗାଇବେ। ସେହିଭଳି ସ୍କୁଲ ଛାତ୍ରୀଛାତ୍ରଙ୍କୁ ଏହି ବଟିକା ମଧ୍ୟାହ୍ନ ଭୋଜନ ରାଶନ ସାମଗ୍ରୀ ସହିତ ଶିକ୍ଷକମାନେ ଯୋଗାଇବେ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କ ଓଜନ ବୃଦ୍ଧିକୁ ନିୟମିତ ଭାବେ ତଦାରଖ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି
ଜୋଲି ତୁଳସୀ-51 ଡ୍ରପ୍‌ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଶୁଣୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି। ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି । ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ଓ କିଣନ୍ତୁ ।

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । Helpline: 0161-520-1588 Buy Online:www.jollypharmaindia.com

## ୪ ଗୋରୁ ଉଦ୍ଧାର, ୨ ଅଭିଯୁକ୍ତ ଅଟକ

ନିଆଳି,(ଡି.ଏନ୍.ଏ.): ନିଆଳି ଥାନା ଅଧୀନ କୁମ୍ଭାରକୂଳ ଛକଠାରେ ଶନିବାର ଅପରାହ୍ନରେ ଏକ ଗୋରୁବୋଝେଇ ଟାଟା ଏସିଇ ଜବତ କରାଯାଇଛି। ସେଥିରେ ଥିବା ୪ଟି ଗୋରୁକୁ ଉଦ୍ଧାର କରାଯାଇଥିବାବେଳେ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଅଟକ ରଖିଛି। ଏହି ଥାନା ଅଧୀନ ଅଢ଼ଙ୍ଗା ବସ୍ତିରୁ ଉକ୍ତ ଗାଡ଼ିରେ ଗୋଚାଲାଣ ହେଉଥିବା ବଜରଙ୍ଗ ଦଳର କର୍ମୀମାନେ ଖବର ପାଇଥିଲେ। ପରେ ସେମାନେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। କସର୍ଦ୍ଦା ଫାଣ୍ଡି ପୋଲିସ ପହଞ୍ଚି ଗାଡି ଜବତ କରିଥିଲା।

## ସଂକ୍ଷେପରେ

### ଚାପ ଖେଳିଲେ ଗୋପୀନାଥଦେବ

**ବଡ଼ମ୍ବା,୧୫।୫(ଡି. ଏନ୍. ଏ.):** କୋଭିଡ୍ କଟକଣା ଯୋଗୁ ଚଳିତବର୍ଷ ଚନ୍ଦନ ଯାତ୍ରା ଫିକା ପଡ଼ିଯାଇଛି। ଏହି ଅବସରରେ ବଡ଼ମ୍ବା ରାଜବାଟୀସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଦେବ, ଭୁଦେବୀ, ଶ୍ରୀଦେବୀ ଓ ଶ୍ରୀ ଚନ୍ଦ୍ରଶେଖରଦେବଙ୍କ ଚାପ ଖେଳ ନିରାଡ଼ମ୍ବରଭାବେ ଅନୁଷ୍ଠିତ ହୋଇଯାଇଛି। କେବଳ ପରମ୍ପରା ରକ୍ଷା ନିମନ୍ତେ ରାଜବାଟୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁମାର ସାହେବ ତ୍ରିଭୁବନ ଚନ୍ଦ୍ରଦେବଙ୍କ ସମେତ ଚନ୍ଦନ କମିଟି ସଭାପତି ସାଗର ପରିଡା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବଡ଼ମ୍ବାର ରାଧାକାନ୍ତ ଦେବ ଓ ସିଂହନାଥ ଦେବଙ୍କ ମନ୍ଦିର ପରିସରରେ ପ୍ରତିକାତ୍ମକ ଚାପ ଖେଳ ଅନୁଷ୍ଠିତ ହୋଇଯାଇଛି।

### ଶ୍ରୀ ପତିତପାବନ ଦେବଙ୍କ ରଥକାଠ ଅନୁକୂଳ

**ବାଲିଅନ୍ତା,୧୫।୫(ଡି.ଏନ୍.ଏ.):** ଅକ୍ଷୟତୃତୀୟା ଅବସରରେ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ପ୍ରସିଦ୍ଧ ତଥା ପ୍ରାଚୀନ ଠାକୁର ଶ୍ରୀ ପତିତପାବନ ଦେବଙ୍କ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଛି। ରଥଦାଣ୍ଡରେ ଥିବା ରଥକାଠରେ ମହାରଣା ସେବାୟତ ଦ୍ୱାରା ଅନୁକୂଳ ହୋଇଥିଲା। ପ୍ରଥମେ ପ୍ରଭୁ ପତିତପାବନ ଦେବଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ରଥକାଠ ଅନୁକୂଳ ଉତ୍ସବରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ବିଭିନ୍ନ ସେବାୟତର ପ୍ରତିନିଧିମାନେ ଯୋଗଦେଇଥିଲେ।

### କୃଷକ ମନ୍ଦିରରେ ଅକ୍ଷୟତୃତୀୟା

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ) :** କଟକ ଜିଲା ଅନ୍ତର୍ଗତ ଗୋକନ ମଣିଜୋରି ଗ୍ରାମରେ ଥିବା ଓଡ଼ିଶାର ସର୍ବପ୍ରଥମ କୃଷକ ମନ୍ଦିରରେ ଶନିବାର କୃଷି ଓ କୃଷକଙ୍କ ପର୍ବ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ ଓ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ଗ୍ରାମର ଚାଷୀଭାଇମାନେ ଭାରତୀୟ କୃଷି ସଂସ୍କୃତିର ପ୍ରତୀକ ଲଙ୍ଗଳକୁ ପୂଜାର୍ଚ୍ଚନା କରିବା ପରେ ହଳ ଯୋଚି ବିହନ ଅନୁକୂଳ କରିବା ପାଇଁ ବିଲକୁ ବାହାରି ଯାଇଥିଲେ। ମନ୍ଦିର ପ୍ରତିଷ୍ଠାତା ତଥା ସାମାଜିକକର୍ମୀ ପ୍ରତାପ କୁମାର ସାହୁ କହିଛନ୍ତି, ଅକ୍ଷୟ ତୃତୀୟା ଦିନ କୃଷକ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କଲେ ଭଲ ଫସଲ ଅମଳ ହୋଇଥାଏ ବୋଲି ଆମର ବିଶ୍ୱାସ ରହିଛି। ତେଣୁ ପ୍ରତିବର୍ଷ ଗ୍ରାମର ଚାଷୀଭାଇମାନେ କୃଷକ ଦେବତାଙ୍କ ନିକଟରେ ଅକ୍ଷୟ ତୃତୀୟାକୁ ଧୁମ୍‌ଧାମରେ ପାଳନ କରି ଆସୁଛୁ। ଏଠାରେ ହଳ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପିତ୍ତଳ ବାଲଟି, ପିତ୍ତଳ ଘଣ୍ଟି, ଦଉଡ଼ି, ପାଞ୍ଚଣ, ଗୋଖାଦ୍ୟ ଏବଂ ସାର୍ଟିଫିକେଟ ପ୍ରଦାନ, ୨ହଜାର ଲୋକଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା ହୋଇଥାଏ। ସେହିଭଳି ଗୋମାତାଙ୍କୁ ମାଗଣାରେ ଚିକିତ୍ସା କରାଯାଇଥାଏ। କିନ୍ତୁ କରୋନା ପାଇଁ ଦୁଇବର୍ଷ ହେବ କେବଳ ହୋମଯଜ୍ଞ ଓ ହରିନାମ ସଂକୀର୍ତ୍ତନ କରି ବିହନ ଅନୁକୂଳ ହେଉଥିବା ସେ କହିଛନ୍ତି।

### ଅଖିମୁଠି ଅନୁକୂଳ କଲେ ଚାଷୀ

**ସାଲେପୁର,୧୫।୫(ଡି.ଏନ.ଏ.):** ପବିତ୍ର ଅକ୍ଷୟତୃତୀୟା ଉପଲକ୍ଷେ ସାଲେପୁର ଅଞ୍ଚଳର ଚନ୍ଦ୍ରଦେଇପୁର,ଛାଣିପୁର, ରାମେଶ୍ୱର, ରାଇସିଙ୍ଗୁଡା, ନରଦା ଓ ମାଳ ଆଦି ଅଞ୍ଚଳର ଚାଷୀମାନେ ଶନିବାର ଅଖିମୁଠି ଅନୁକୂଳ କରିଛନ୍ତି। ସେମାନେ ସକାଳୁ ଉଠି ଧାନବିହନ ପୂଜା କରିବାପରେ ବିଲକୁଯାଇ ଧରଣୀ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ଅଖିମୁଠି ଅନୁକୂଳ କରିଛନ୍ତି। ପ୍ରତିବର୍ଷ ଚାଷୀମାନେ ଆନନ୍ଦ ଉଲ୍ଲାସର ସହ ଏହି ପର୍ବକୁ ପାଳନ କରୁଥିବା ବେଳେ ଚଳତି ବର୍ଷ କରୋନା କଟକଣା ଯୋଗୁ ଉତ୍ସବ ଫିକା ପରିଲକ୍ଷିତ ହୋଇଛି।

### ୨ ଗିରଫ,୧୪ ମୋବାଇଲ ଫୋନ ଜବତ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ମୋବାଇଲ ଫୋନ୍ ଝାମ୍ପିନେଇ ଖଣ୍ଡଗିରି ଅଞ୍ଚଳରେ ଆତଙ୍କ ଚଳାଇଥିବା ୨ଜଣ ଅଭିଯୁକ୍ତଙ୍କୁ ଶନିବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ, ତମାଣ୍ଡୋ ଥାନା ଅନ୍ତର୍ଗତ ରଣସିଂହପୁରର ସଞ୍ଜୟ ନାୟକ(୨୨) ଓ ଡୁମୁଡୁମାର କାହ୍ନୁ ଦାସ(୨୨)। ସେମାନଙ୍କଠାରୁ ୧୪ଟି ଚୋରା ମୋବାଇଲ ଫୋନ ଜବତ କରିଛି ପୋଲିସ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**କଟକଣାରେ ଚାପ ଖେଳିଲେ ଶ୍ରୀଜୀଉ**

**ପୁରୁଣା ଭୁବନେଶ୍ୱର,୧୫।୫(ଡି.ଏନ୍.ଏ.)**



ବିନ୍ଦୁସାଗରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଚାପ ଖେଳୁଛନ୍ତି।

ପବିତ୍ର ଅକ୍ଷୟତୃତୀୟାଠାରୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି। ଏ ନେଇ ପ୍ରାତଃରୁ ମନ୍ଦିରରେ ମଙ୍ଗଳ ଆଳତି ଅବକାଶ ସାରି ରୋଷ ହୋମ କରାଯାଇଥିଲା। ଏହାପରେ ମାଘ ସ୍ନାନ ଦିଆଯାଇ ଶ୍ରୀଜୀଉମାନଙ୍କର ଭୋଗ ମଣ୍ଡପ ନୀତି ହୋଇଥିଲା। ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ମାଘସ୍ନାନ ଲାଗି କରାଯାଇଥିଲା। ଏହି ନୀତି ପରେ ପୂଜା ପଣ୍ଡା ଓ ପାଳିଆ ବଡୁ ସେବକ ଶ୍ରୀଜୀଉଙ୍କୁ ପଞ୍ଚା ଲାଗି କରିଥିଲେ। ଏଥିପାଇଁ ମନ୍ଦିର ଚତୁଃପାର୍ଶ୍ୱ ଚନ୍ଦନ ବେଢ଼ା କରାଯାଇଥିଲା। ଉକ୍ତ ଚନ୍ଦନକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ପରେ ବେଶ, ଯାତ୍ରା ପୂଜା କରାଯାଇ ଦକ୍ଷିଣ ଘରୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା, ପ୍ରଭୁ ଅନନ୍ତ ବାସୁଦେବଙ୍କ ଚଳନ୍ତି ପ୍ରତିମାମାନ ଆଡ଼କାଠ ନିକଟକୁ ଆସିଥିଲେ। ଏହାପରେ ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ଦେବା ପରେ ମହାସୁଆର ସେବାୟତମାନେ ଶ୍ରୀଜୀଉମାନଙ୍କୁ ବିମାନ ଓ ପାଲିଙ୍କିରେ ବିରାଜମାନ କରିଥିଲେ। ଅନ୍ୟାନ୍ୟ ନୀତି ହୋଇସାରି ପହଡ଼ ପଡ଼ିଥିଲା। ଅପରାହ୍ନ ପ୍ରାୟ ୪ଟା ୩୫ମିନିଟ୍‌ରେ ଶ୍ରୀଜୀଉମାନେ ଘଣ୍ଟ, କାହାଳୀ, ଛତା, ମଶାଲ ସହ ଚାପ ଖେଳିବା ନେଇ ବିନ୍ଦୁସାଗର ବ୍ରହ୍ମାଘାଟକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସେବାୟତମାନେ ଚାପରେ ଛେରାପହଁରା କରିଥିଲେ। ପରେ ଶ୍ରୀଜୀଉମାନେ ଚାପ ଉଙ୍ଗାରେ ଥିବା ସିଂହାସନରେ ବିରାଜମାନ କରିଥିଲେ। ଜଗତି ଯିବା ପୂର୍ବରୁ ଅଷ୍ଟଚଣ୍ଡୀଙ୍କ ନାମରେ ଭଉଁରି ଦିଆଯାଇଥିଲା। ଜଗତିରେ ଥିବା ମନ୍ଦିରରେ ପତାକା ଲଗାଯାଇଥିଲା। ସେଠାରେ ଦ୍ୱିପ୍ରହର ଏବଂ ସନ୍ଧ୍ୟାଧୂପ କରାଯାଇଥିଲା। ପରେ ଠାକୁରଙ୍କ ଚନ୍ଦନକୁଣ୍ଡରେ ସ୍ନାନ କରାଯାଇ ସନ୍ଧ୍ୟାଧୂପ ହୋଇଥିଲା। ଜଗତିରୁ ଚାପଉଙ୍ଗାରେ ଦିଅଁ ପୁଣି ଭଉଁରି ଖେଳି ବିଶ୍ରାମ ଘାଟକୁ ଆସିଥିଲେ। ସେଠାରେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯାଇ ତିନିମୁଣ୍ଡିଆଠାରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ସେବାୟତ ସମିତି, ବୁଢ଼ ନିଯୋଗରେ ଭୋଗ ଖାଇ ଶ୍ରୀଜୀଉମାନଙ୍କୁ ଧରି ମନ୍ଦିର ଫେରିଥିଲେ। ଏଭଳି ପ୍ରତ୍ୟହ ୨୨ଦିନ ଧରି ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ତେବେ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସୀମିତ ସେବାୟତ ଯୋଗଦେଇଥିବା ବେଳେ କଟକଣା ମଧ୍ୟରେ ସମସ୍ତ ନୀତିକାନ୍ତି କରାଯାଇଥିଲା। ସୂଚନା ଥାଉ କି, ଚଳିତବର୍ଷ ପ୍ରଭୁ କପିଳେଶ୍ୱର ଦେବ ଏ ଯାତ୍ରାରେ ସାମିଲ ହୋଇପାରି ନ ଥିଲେ। ୨୦୧୫ରେ କପିଳେଶ୍ୱର ମନ୍ଦିରରେ ମଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ନେଇ ଉଭୟ ଠାକୁରଙ୍କ ମଧ୍ୟରେ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ପରଠାରୁ ଏହି ବ୍ୟତିକ୍ରମ ହୋଇଛି। ପ୍ରଶାସନ ଅବହେଳା ନେଇ ୯୦୦ବର୍ଷର ଉଭୟ ଠାକୁରଙ୍କ ମଧ୍ୟରେ ଥିବା ପରମ୍ପରା ବ୍ୟାଘାତ ହୋଇଛି। ଅନ୍ୟପଟେ ଗତବର୍ଷ ୨୦୨୦ରେ କୋଭିଡ୍ କଟକଣା ଯୋଗୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ବନ୍ଦ ଥିଲା। କିନ୍ତୁ ଚଳିତବର୍ଷ କୋଭିଡ୍ ଗାଇଡ୍‌ଲାଇନ ମୁତାବକ ରୁକୁଣା ରଥଯାତ୍ରା ସହ ଚନ୍ଦନ ଯାତ୍ରା ହୋଇଛି।

## ଜମିରେ ସିଏମ୍‌ସି ଆବର୍ଜନା ପକାଇବାରୁ ଉତ୍ତେଜନା

**କଟକ, ଅଫିସ ୧୫।୫**

- ଜଳ ନିଷ୍କାସନରେ ସମସ୍ୟା
- ବଢ଼ୁଛି ଜନ ଅସନ୍ତୋଷ

କଟକ ନୂଆପଡ଼ାଠାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ-୨ ଜମିରେ ଆବର୍ଜନା ପକାଇ ପୋତାଯାଉଛି। ଫଳରେ ନାଳ ପାଣି ନିଷ୍କାସନରେ ସମସ୍ୟା ଉପୁଜୁଛି। ଏହାକୁ ନେଇ ଶନିବାର ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହ ହୋହଲ୍ଲା ହୋଇଥିଲା। ସ୍ଥାନୀୟ ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ-୨ ଅନୁପ ବେହେରାଙ୍କ ସମେତ ସିଏମ୍‌ସିର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରୀୟ ବିଦ୍ୟାଳୟ-୨ ଅସ୍ଥାୟୀ ଭାବେ ଖପୁରିଆସ୍ଥିତ ସରକାରୀ ପ୍ରେସ୍‌ର ଗୋଦାମ ଘରେ ପ୍ରାୟ ୧୧ବର୍ଷ ଧରି ଚାଲୁଛି। ସ୍କୁଲର ସ୍ଥାୟୀ ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ନୂଆପଡାଠାରେ ୮ ଏକର ଜମି ଯୋଗାଇ ଦିଆଯାଇଥିଲା। ନିୟମ ଦୃଷ୍ଟିରୁ ଉକ୍ତ ଜମିର ବିକାଶ କରି ପ୍ରଶାସନ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦେବା କଥା। ତେବେ ଅଭିଭାବକ ସଂଘର ଦୀର୍ଘଦିନ ଆନ୍ଦୋଳନ ଯୋଗୁ ଏବେ ଜିଲା ପ୍ରଶାସନ ଜମିକୁ ବିକଶିତ କରୁଛି। ଫଳରେ ଉକ୍ତ ଜମିରେ ବାଲି ଫିଲିଂ କରିବା ପରିବର୍ତ୍ତେ କଟକ ସହରର ନାଳନର୍ଦ୍ଦମାରୁ ନିର୍ଗତ ଆବର୍ଜନା ଗଦା କରୁଛି ସିଏମ୍‌ସି। ଏଥିଯୋଗୁ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିସହିତ ଜମି ଉଚ୍ଚା ହେଉଥିବାରୁ ସେଠାରେ ଥିବା ନାଳର ପାଣି ନିଷ୍କାସିତ ନ ହୋଇ ରାସ୍ତାରେ ଜମିରହୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଦାସ କହିଛନ୍ତି, ରବିବାର ଏକ ଇଞ୍ଜିନିୟରିଂ ଟିମ୍ ଘଟଣାସ୍ଥଳ ଅନୁଧାନ କରିବ। ଏହାପରେ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିବାରୁ ଉତ୍ତ୍ୟକ୍ତ ଲୋକେ ଶାନ୍ତ ହୋଇଥିଲେ।

## ଇଡ୍‌କୋରେ ଦାୟିତ୍ୱ ଗ୍ରହଣ କଲେ କ୍ରିଷନ



**ଭୁବନେଶ୍ୱର,୧୫।୫**

ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ର ନୂତନ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସକ ଡ. କ୍ରିଷନ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଶୁକ୍ରବାର ସେ ଇଡ୍‌କୋରେ ଯୋଗଦେବାର ପ୍ରଥମ ଦିନରୁ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ତଥା ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ସେ ସର୍ବପ୍ରଥମେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ୫ଟି କାର୍ଯ୍ୟକ୍ରମର ଯୋଜନା ଉପରେ ଗୁରୁତ୍ୱାରୋପ ସହ ରାଜ୍ୟର ବିଭିନ୍ନ ଜଲାରେ ୧୦ ଗୋଟି ଏମ୍‌ଏସ୍‌ଏମ୍‌ଇ ପାର୍କ ଏବଂ ଇଡ୍‌କୋ ଟାୱାର ପ୍ରତିଷ୍ଠା ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏହି ଅବସରରେ ଇଡ୍‌କୋର ମୁଖ୍ୟ ସାଧାରଣ ପରିଚାଳକ (ପ୍ରଶାସନ), ମୁଖ୍ୟ ସାଧାରଣ ପରିଚାଳକ (ଅର୍ଥ), ମୁଖ୍ୟ ସାଧାରଣ ପରିଚାଳକ (ଭୂମି), ମୁଖ୍ୟ ସାଧାରଣ ପରିଚାଳକ (ସିଭିଲ), ମୁଖ୍ୟ ସାଧାରଣ ପରିଚାଳକ (ଯୋଜନା ଏବଂ ସମନ୍ୱୟ) ଏବଂ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଖିମୁଠି ଅନୁକୂଳ କଲେ ବିଧାୟକ ସୁରେଶ ରାଉତରାୟ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**



କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଶନିବାର ଅକ୍ଷୟତୃତୀୟା ଅବସରରେ ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତର ପାଣିଓରା ଗ୍ରାମରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଅକ୍ଷୟତୃତୀୟାରେ ଚାଷ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ। ଏହି ଦିନଟି ଚାଷୀକୁଳ ପାଇଁ ଏକ ପବିତ୍ର ଦିନ ଭାବେ ଗ୍ରହଣ କରାଯାଏ। ସେଥିପାଇଁ ଚାଷୀପୁଅ ଖେତକୁ ଯାଇ ପୂଜାର୍ଚ୍ଚନା କରିବା ସହ ଏ ବର୍ଷ ଚାଷରେ ସଫଳ ହେବା ପାଇଁ କାମନା କରିଥାଏ। ରାଉତରାୟ କହିଛନ୍ତି ସେ ଜଣେ ଚାଷୀ ପରିବାରର ଲୋକ । ଆଜି ପର୍ଯ୍ୟନ୍ତ ନିଜ ଗାଁରେ ଚାଷ କାର୍ଯ୍ୟ ଜାରି ରଖିଛନ୍ତି। ପାଣିଓରା ଗ୍ରାମର ଅମିୟ ରଞ୍ଜନ ସ୍ୱାଇଁଙ୍କ ଜମିରେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧନେଶ୍ୱର ରାଉତରାୟ, ଅମିୟ ରଞ୍ଜନ ସ୍ୱାଇଁ, କାଳନ୍ଦି ମହାରଣା ଓ ସୁନୀଲ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପୂର୍ବଶତ୍ରୁତାରୁ ହୋଇଥିଲା ହତ୍ୟା

**କାଠମିସ୍ତ୍ରିଙ୍କ ମୃତଦେହ ଜବତ ଘଟଣା**

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୧୫।୫ (ବ୍ୟୁରୋ/ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ସରଦେଇପୁର ଡାକବଙ୍ଗଳା ନିକଟରୁ ଗତ ୧୦ତାରିଖରେ ଗଞ୍ଜାମର କାଠମିସ୍ତ୍ରୀ ଜଗନ୍ନାଥ ମହାରଣାଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ମୃତ ଜଗନ୍ନାଥଙ୍କୁ ପେଷାଗତ ଅସହିଷ୍ଣୁତା ଏବଂ ପୂର୍ବଶତ୍ରୁତାରୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି। ପୋଲିସ ଏହି ଘଟଣାରେ ଶନିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ତହଁରା ଅଞ୍ଚଳର ଅଜୟ ମହାରଣା(୩୦) ଓ ପଶ୍ଚିମବଙ୍ଗ ମେଦିନାପୁରର ଅନୁପ ବରା(୧୮)। ତେବେ ମୁଖ୍ୟ ଅଭିଯୁକ୍ତ ମୁନା ଫେରାର ଅଛନ୍ତି। ତେବେ ଅଜୟଙ୍କ ବାପା ଯାହାର ନାମ ମଧ୍ୟ ଜଗନ୍ନାଥ ମହାରଣା, ସେ ସୁରତରୁ ଥାଇ ଏହି ଯୋଜନା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ଫେରାର ମୁନାଙ୍କୁ ଗିରଫ କରିବା ପାଇଁ ଧଉଳି ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଫୋନ୍ ଓ ଅଧା ପୋଡ଼ା ମନିପର୍ସ ଜବତ କରିଛି। ଅଭିଯୁକ୍ତ ଅଜୟ କୋଭିଡ୍ ପଜିଟିଭ ଥିବା ନେଇ ସୂଚନା ମିଳିଛି।

### ସ୍କୁଟିରୁ ମିଳିଲା ସୁରାକ୍



ହତ୍ୟାକାଣ୍ଡ ଦିନ ମୃତ ଜଗନ୍ନାଥ ତାଙ୍କ ମାଲିକଙ୍କ ସ୍କୁଟି ନେଇ ଘଟଣା ସ୍ଥଳକୁ ଯାଇଥିଲେ। ଜଗନ୍ନାଥଙ୍କୁ ହତ୍ୟା କରିବା ପରେ ଅନୁପ ଓ ମୁନା ଗାଡ଼ିଟିକୁ ଛାଡ଼ି ପଳାଇଥିଲେ। ପୋଲିସ ସ୍କୁଟିକୁ ଜବତ କରି ମାଲିକଙ୍କୁ ଯୋଗାଯୋଗ କରିଥିଲା। ଗାଡ଼ି ମାଲିକ ଥାନାରେ ପହଞ୍ଚି ମୃତ ଜଗନ୍ନାଥଙ୍କ ବିଷୟରେ ସୂଚନା ଦେଇଥିଲେ। ଉଭୟ ଜଗନ୍ନାଥଙ୍କ ମଧ୍ୟରେ ତିକ୍ତତା ଥିବାନେଇ ପୋଲିସ ତାଙ୍କଠାରୁ ଜାଣିବାକୁ ପାଇଥିଲା। ଏହା ପରେ ଅଭିଯୁକ୍ତ ଜଗନ୍ନାଥଙ୍କ ପୁଅ ଅଜୟ ଭୁବନେଶ୍ୱରରେ ରହୁଥିବା ଘରକୁ ପୋଲିସ ଯାଇଥିବାବେଳେ ଘରେ ଚାବି ଝୁଲୁଥିଲା। ଏହାକୁ ନେଇ ପୋଲିସର ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ପରେ ମୃତ ଜଗନ୍ନାଥଙ୍କ ଭାଇ ଆସି ଅଭିଯୁକ୍ତ ଜଗନ୍ନାଥଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକ୍ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା।

### ହତ୍ୟା ଘଟଣାର ପୃଷ୍ଠଭୂମି

ମୃତ ଜଗନ୍ନାଥ ଏବଂ ଅଭିଯୁକ୍ତ ଅଜୟଙ୍କ ବାପା ଜଗନ୍ନାଥ ବଡ଼ଗଡ଼ ଅଞ୍ଚଳରେ ରହି ଏକାଠି କାଠ କାମ କରୁଥିଲେ। କାମ କରିବା ଏବଂ ପଇସା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଫଳରେ ଉଭୟେ କାମ ଛାଡ଼ି ଜଗନ୍ନାଥ(ମୃତକ) ଗଞ୍ଜାମ ଫେରି

**୨ ଅଭିଯୁକ୍ତ ଗିରଫ, ଜଣେ ଫେରାର**

ଯାଇଥିବାବେଳେ ଏବଂ ଅଜୟଙ୍କ ବାପା ଜଗନ୍ନାଥ ସୁରତ ଚାଲି ଯାଇଥିଲେ। ପରେ ଜଗନ୍ନାଥ ଭୁବନେଶ୍ୱର ଆସି କାମ କରିବାରୁ ସୁରତରେ ଥିବା ଜଗନ୍ନାଥ ପୁଅ ଅଜୟ ହତ୍ୟା କରିବାକୁ ଯୋଜନା କରିଥିଲେ। ଅନୁପ ଓ ମୁନା ଜଗନ୍ନାଥଙ୍କୁ ଫୋନ୍ କରି ଡାକିଥିଲେ। ଏହାପରେ ଜଗନ୍ନାଥଙ୍କୁ ସରଦେଇପୁର ଡାକବଙ୍ଗଳା ନିକଟସ୍ଥ ନଦୀ କୂଳକୁ ନେଇଥିଲେ। ସେଠାରେ ସମସ୍ତେ ବସି ଗପସପ ହେବା ସହ ମଦ ପିଇଥିଲେ। ଏହି ସମୟରେ ମୁନା ଓ ଅନୁପ ଜଗନ୍ନାଥଙ୍କ ବେକକୁ ଏକ ବ୍ଲେଡ୍‌ରେ କାଟି ଦେଇଥିଲେ। ଗୁରୁତର ଆହତ ଜଗନ୍ନାଥ ସେଠାରେ ଥିବା ଏକ ଖାଇକୁ ଖସି ପଡ଼ିଥିଲେ। ମୁନା ଓ ଅନୁପ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏହା ପରେ ନଦୀରେ ଧୋଇ ଧାଇ ହୋଇ ସେଠାରୁ ଫେରାର ହୋଇଯାଇଥିଲେ। ଅଜୟ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୁନା ଓ ଅନୁପଙ୍କ ଡ୍ରେସ୍ ପୋଡ଼ିବା ସହ ଜଗନ୍ନାଥଙ୍କ ମୋବାଇଲ୍ ଓ ପର୍ସକୁ ମଧ୍ୟ ପୋଡ଼ି ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ଆଶୁତୋଷ



@ନର୍ଗିସ



@ ପ୍ରଦ୍ୟୁମ୍ନ



@ ସାଇଗୀତା



@ ନଳିନୀ



@ ବିଶ୍ୱରଞ୍ଜନ

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି,୧୫।୫(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ଶାଶୁ ଘରୁ ସାଲେପୁର ପୋଲିସ ଜବତ କରିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ବସପଦା ଗ୍ରାମର ନୁରଜାହାନ ପରୱିନ(୨୧)। ହତ୍ୟା ସନ୍ଦେହରେ ପୋଲିସ ଶାଶୁ ଘରର ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଥାନାରେ ମାମଲା (ନଂ.୧୦୫/୨୧) ରୁଜୁ ହୋଇଛି। ନୁରଜାହାନ ୪ ବର୍ଷ ତଳେ ଫଗୋଳ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ଏବେ ସେମାନଙ୍କ ୩ ବର୍ଷର ଏକ ସନ୍ତାନ ରହିଛି। ତେବେ ଶାଶୁ ଘର ଲୋକେ ନୁରଜାହାନଙ୍କୁ ବାଡ଼େଇ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମୁସଲମାନ ପ୍ରଥା ଅନୁସାରେ ମୃତଦେହ କବର ଦିଆଯିବା କଥା। ମାତ୍ର ଗାଁ ଲୋକଙ୍କୁ ନ ଜଣାଇ ତରବରିଆ ଭାବେ ପୋଡ଼ି ଦେବାକୁ ଉଦ୍ୟମ କରାଯାଇଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଉଦ୍ଧାର ବଜ୍ରକାପ୍ତାକୁ ଜଙ୍ଗଲରେ ଛଡ଼ାଗଲା

**ବଡ଼ମ୍ବା,୧୫।୫(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବେଲିଆପଡ଼ା ଗ୍ରାମରୁ ଶୁକ୍ରବାର ରାତିରେ ଏକ ବଜ୍ରକାପ୍ତା ଉଦ୍ଧାର ହୋଇଥିଲା। ସ୍ଥାନୀୟ ଅଞ୍ଚଳର ପିଲାମାନେ ଖେଳପଡ଼ିଆରେ ବୁଲୁଥିବା ବେଳେ ବଜ୍ରକାପ୍ତାକୁ ଦେଖିଥିଲେ। ସେମାନେ ନିକଟସ୍ଥ କ୍ଲବ ଘରେ ଉକ୍ତ ବଜ୍ରକାପ୍ତାକୁ ରଖି ବନ ବିଭାଗରେ ଖବର ଦେଇଥିଲେ। ଏହାପରେ ବଡ଼ମ୍ବା ଭାରପ୍ରାପ୍ତ ରେଞ୍ଜର ସରୋଜ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାକୁ ଆଣି କାର୍ଯ୍ୟାଳୟରେ ରଖିଥିଲେ। ଶନିବାର ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିକଟସ୍ଥ ହଳଦିଆସେଣୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି ବୋଲି ମହାନ୍ତି କହିଛନ୍ତି।

**ଅମାନିଆଙ୍କଠାରୁ ଜରିମାନା ଆଦାୟ**

**ପିପିଲି, (ଡି.ଏନ୍.ଏ):** ପିପିଲିରେ ଶନିବାର ସୁଦ୍ଧା ୬୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାସତ୍ତ୍ୱେ ଅମାନିଆ ଚେତୁନାହାନ୍ତି। ବିନା କାରଣରେ ବାହାରେ ବୁଲୁଛନ୍ତି। ପିପିଲି ଥାନା ଏସ୍‌ଆଇ ସଂଘମିତ୍ରା ଚାନ୍ଦ ଏବଂ ସନ୍ଦୀପ ଦାସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିନା କାରଣରେ ବୁଲୁଥିବା ଗାଡ଼ିଚାଳକ ଓ ବିନା ମାସ୍କରେ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ଆଗାମୀ ଦିନରେ ଯାନବାହନ କାଗଜପତ୍ର ଯାଞ୍ଚ କରାଯିବ। ଆବଶ୍ୟକ କାଗଜପତ୍ର ନ ଥିଲେ ଗାଡ଼ି ଜବତ କରାଯିବ ବୋଲି ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୫.୦୫.୨୦୨୧

୩୭୨୭ ଟଙ୍କା

# ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ

**ପୁରୀ ଅଫିସ, ୧୫।୫**

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶନିବାର ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହା ୨୧ଦିନ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ବିନା ଭକ୍ତରେ ଚନ୍ଦନଯାତ୍ରା କରାଯାଉଛି। ଶନିବାର ଭୋର ୩.୫୦ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯିବା ପରେ ଭିତରଶୋଧ କରାଯାଇଥିଲା। ବିଭିନ୍ନ ନୀତି ବଢ଼ି ସକାଳ ଧୂପ ସରି ମଇଲମ ଓ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା। ପୂର୍ବରାତ୍ରିରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ଚନ୍ଦନ ପିଙ୍ଗଣଙ୍କୁ ମୁଦିରସ୍ତ, ପୂଜାପଣ୍ଡା, ପତିମହାପାତ୍ର ଏବଂ ତିନିଜଣ ପୁଷ୍ପାଳକ ସେବକ ଶ୍ରୀମନ୍ଦିର ଭିତରବେଢ଼ା ଓ ରତ୍ନସିଂହାସନ ଚାରିପଟେ ସାଢ଼େ ତିନିଘେରା ଲେଖାଏ ପରିକ୍ରମା କରାଇଥିଲେ। ପରେ ମହାପ୍ରଭୁଙ୍କ ନିକଟରେ ଖଇକୋରା ଭୋଗ ହୋଇଥିଲା। ମୁଦିରସ୍ତ, ପୂଜାପଣ୍ଡା, ପତିମହାପାତ୍ର ଏବଂ ତିନିଜଣ ପାଳିଆ ପୁଷ୍ପାଳକ ସିଂହାସନ ଉପରକୁ ଉଠି ଶ୍ରୀଜୀଉମାନଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ଶ୍ରୀଜୀଉଙ୍କୁ ଅଳକା, ଚଉସରା ଲାଗି ହେବା ସହ ବେଶ ବଢ଼ିଥିଲା। ମୁଦିରସ୍ତ ପ୍ରସାଦ ଲାଗି ପରେ ମଧ୍ୟାହ୍ନ ଧୂପ ସରି ପୂଜାପଣ୍ଡା ଶ୍ରୀଜୀଉଙ୍କ ଆଜ୍ଞାମାଳ ଆଣି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଶ୍ରୀରାମକୃଷ୍ଣ ପାଲିଙ୍କିକୁ ଏବଂ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣିବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତମାନେ ଠାକୁରଙ୍କୁ ଚନ୍ଦନଯାତ୍ରା ନିମନ୍ତେ ବିଜେ କରାଇଥିଲେ। ଅନ୍ୟପକ୍ଷରେ ରବିବାରଠାରୁ ରଥନିର୍ମାଣରେ ସମ୍ପୃକ୍ତ ସେବାୟତମାନେ ସଙ୍ଗରୋଧରେ ରହିବେ।



ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି।

# ୬ ମଠ ପୁନରୁଦ୍ଧାର ପାଇଁ ଭୂମିପୂଜନ

**ପୁରୀ ଅଫିସ, ୧୫।୫**

ଶ୍ରୀମନ୍ଦିର ଐତିହ୍ୟ କରିଡର ପାଇଁ ୬ଟି ମଠର ଜମି ଅଧିଗ୍ରହଣ ହୋଇଥିଲା। ଶନିବାର ପବିତ୍ର ଅକ୍ଷୟତୃତୀୟାରେ ଉକ୍ତ ୬ଟି ମଠର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଭୂମିପୂଜନ ହୋଇଛି। ଉତ୍ତରପାର୍ଶ୍ୱ, ମଙ୍ଗୁ, ସାନଛତା, କଟକୀ, ରେବେଶା ପ୍ରଭୃତି ମଠର ମହନ୍ତମାନେ ଉପସ୍ଥିତ ରହି ଶିଳାନ୍ୟାସ କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ବିସ୍ଥାପିତ ମଠର ଶିଳାନ୍ୟାସ କରାଯାଉଛି। ମଠମହନ୍ତମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ କିଭଳି ଭାବେ ହେବ ସେ ନେଇ ମାଷ୍ଟର ପ୍ଲାନ୍ ଓ ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି। ଶନିବାର ଶିଳାନ୍ୟାସ ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ। ଉତ୍ତରପାର୍ଶ୍ୱ ମଠ ମହନ୍ତ ରାମାନୁଜ ଦାସ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଅକ୍ଷୟତୃତୀୟାରେ ପ୍ରଶାସନ ଶିଳାନ୍ୟାସ ଆରମ୍ଭ କରିଛି। ଆଗାମୀ କାର୍ଯ୍ୟକ୍ରମ ମଧ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜଗନ୍ନାଥବଲ୍ଲଭ ଉଦ୍ୟାନ ମଠ ପରିସରରେ ଧ୍ୟାନକେନ୍ଦ୍ର ଓ ପ୍ରମୋଦ ଉଦ୍ୟାନ ଏବଂ ଶ୍ରୀସେତୁ ରାସ୍ତା ସଂଯୋଗୀକରଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ଜମି ଅଧିଗ୍ରହଣରେ ବିସ୍ଥାପିତ ହୋଇଥିବା ୫୯ଟି ପରିବାରକୁ ଜିଲା ପ୍ରଶାସନ ଜମି ପ୍ରଦାନ କରିଥିଲେ। ଉକ୍ତ ଜମିରେ ମଧ୍ୟ ଭୂମି ପୂଜନ କରାଯାଇଛି। ଜଣେ ବିସ୍ଥାପିତ କହିଛନ୍ତି, ଜିଲା ପ୍ରଶାସନ ଦେଇଥିବା ଜାଗାକୁ ନେଇ ଆମେ ସନ୍ତୁଷ୍ଟ। ଏଥିପାଇଁ ପ୍ରଶାସନକୁ ଧନ୍ୟବାଦ।

## ସଂକ୍ଷେପରେ

## ରଥ କାର୍ଯ୍ୟ ଅନୁକୂଳ



**କୋଣାର୍କ, ୧୫।୫(ଡି.ଏନ୍.ଏ.):** ପବିତ୍ର ଅକ୍ଷୟତୃତୀୟା ଅବସରରେ କୋଣାର୍କ ଜଗନ୍ନାଥ ମନ୍ଦିରରେ ରଥ ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଛି। କୋଣାର୍କ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ରାଜାରାମ ମଠ ପକ୍ଷରୁ ଆୟୋଜିତ ରଥ ଅନୁକୂଳ ପାଇଁ ସକାଳୁ ପୂଜକ ପ୍ରହ୍ଲାଦ ଦାଶ ରୀତିନୀତି ଅନୁଯାୟୀ ନୀତି ସମାପନ କରିଥିଲେ। ହୋମ ଯଜ୍ଞ ପରେ ବିଶ୍ୱକର୍ମା ଶମ୍ଭୁନାଥ ମହାରଣା ରଥ କାଠରେ ଆଜ୍ଞାମାଳ ବାନ୍ଧି ରଥକାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳ ବାଦ୍ୟ, ଶଙ୍ଖ ନାଦରେ ରଥକାଠ ଅନୁକୂଳ ହୋଇଛି। ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟିବୋର୍ଡର ପରିଚାଳକ ନିରଞ୍ଜନ ବାରିକ ପରିଚାଳନା କରିଥିଲେ।

## ସେବାୟତଙ୍କୁ ଟିକା

**ପୁରୀ ଅଫିସ, ୧୫।୫:** ଚନ୍ଦନଯାତ୍ରାରେ ନିୟୋଜିତ ସେବାୟତଙ୍କ ଟିକାକରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୮ରୁ ୪୫ବର୍ଷ ବୟସର ଯେଉଁ ସେବାୟତମାନେ ଚନ୍ଦନ ଯାତ୍ରା ନୀତିକାନ୍ତି ସହିତ ଜଡ଼ିତ ରହିଛନ୍ତି ସେମାନଙ୍କ କୋଭିଡ୍ ଟିକାକରଣ ଶନିବାରଠାରୁ ଆରମ୍ଭ ହୋଇଛି। ଲୋକନାଥ ରୋଡସ୍ଥିତ ପ୍ରତିହାରୀ ନିଯୋଗ ବୈଠକ ଗୃହ ଓ ଦୋଳ ମଣ୍ଡପ ସାହିସ୍ଥିତ ବୈକୁଣ୍ଠ ଧାମ କେନ୍ଦ୍ରକୁ ଯାଇ ଏହି ସେବାୟତମାନେ ଟିକା ନେଇଛନ୍ତି। ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ସର୍ଭେ କରିଛନ୍ତି। ୧୯ ତାରିଖଠାରୁ ସ୍ନାନଯାତ୍ରା ଓ ରଥଯାତ୍ରା ସହିତ ଜଡ଼ିତ ୧୮ରୁ ୪୫ ବର୍ଷର ସେବାୟତଙ୍କୁ ଟିକା ଦିଆଯିବ।

## ଶାନ୍ତିଆନନ୍ଦ ଆଶ୍ରମରେ ଚନ୍ଦନଯାତ୍ରା

**କଣାସ, ୧୫।୫(ସ୍ୱ.ପ୍ର):** କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତର କରମଳାସ୍ଥିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଶନିବାରଠାରୁ ବିନା ଭକ୍ତରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ୨୧ଦିନ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ଚାଲିବ। ଦିନରେ ରୀତିନୀତି ପରେ ସନ୍ଧ୍ୟାରେ ଦୁର୍ଗାମାଧବ ଓ ଠାକୁର ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତି ଦୁଇ ସଜ୍ଜିତ ବିମାନରେ ଚନ୍ଦନ ପୋଖରୀକୁ ନିଆଯାଇଥିଲା। ଦୁର୍ଗାମାଧବ ଓ ଠାକୁର ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତି ସାତଘେରା ଚାପ ଖେଳିବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ବୋଲି ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବଳରାମ ଦାଶ କହିଛନ୍ତି।

# ୨୪ ଘଣ୍ଟାରେ ପୁରୀ ଜିଲାରେ ୫ ମୃତ

**ପୁରୀ ଅଫିସ ୧୫।୫**

ଗତ ୨୪ଘଣ୍ଟା ମଧ୍ୟରେ ପୁରୀ ଜିଲାରେ କରୋନାରେ ୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି। ମୃତକମାନେ ହେଲେ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳର ୬୫ବର୍ଷୀୟା ମହିଳା, ସମୁଦ୍ରକୂଳ ଥାନା ଅଧୀନ ଶ୍ରୀକ୍ଷେତ୍ର କଲୋନୀର ୩୬ ବର୍ଷୀୟ ପୁରୁଷ, ପୁରୀ କଣାସ ଥାନା ଅନ୍ତର୍ଗତ ଯୋଡାପଦର ଗ୍ରାମର ୩୨ ବର୍ଷୀୟା ମହିଳା, କୁମ୍ଭାରପଡା ଥାନା ଅଧୀନ ବସଷ୍ଟାଣ୍ଡ ଅଞ୍ଚଳର ୫୩ ବର୍ଷୀୟା ମହିଳା ଏବଂ ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟ ଅଞ୍ଚଳର ଜଣେ ୪୩ ବର୍ଷୀୟ ପୁରୁଷ। ଏହି ପୁରୁଷ ବ୍ୟକ୍ତି ଜଣକ ଶନିବାର ଗୁରୁତର ଅବସ୍ଥାରେ ପୁରୀ କୋଭିଡ୍ ମେଡିକାଲରେ ଭର୍ତ୍ତି ହେବାର କିଛି ସମୟ ପରେ ମୃତ୍ୟୁବରଣ କରିଥିଲେ। କୋଭିଡ୍ ମୃତକଙ୍କ ମୃତଦେହକୁ ପୁରୀ ସିପସରୁବାଲି ମଶାଣିରେ ଶେଷକୃତ୍ୟ କରାଯାଇଛି। ସେହିପରି ପୁରୀ ଜିଲାରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ସହରରୁ ସର୍ବାଧିକ ୧୪୦ ଜଣ ରହିଛନ୍ତି। ପୁରୀ ସଦରରୁ ୨୩, ନିମାପଡ଼ା ବ୍ଲକରୁ ୨୯, କଣାସରୁ ୨୭, ସତ୍ୟବାଦୀରୁ ୧୮, ଗୋପରୁ ୧୬, ପିପିଲିରୁ ୩୩, ଅସ୍ତରଙ୍ଗରୁ ୨୦, ବ୍ରହ୍ମଗିରିରୁ ୨୫, ଡେଲାଙ୍ଗରୁ ୯, କାକଟପୁରରୁ ୧୩, କୃଷ୍ଣପ୍ରସାଦରୁ ୧୬, ନିମାପଡ଼ା ଏନ୍ଏସିରୁ ୧୪, କୋଣାର୍କ ଏନ୍ଏସିରୁ ୩, ପିପିଲି ଏନ୍ଏସିରୁ ଜଣେ ଏବଂ ଅନ୍ୟ ଜିଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି।

## ଉଦ୍ଧାର ହରିଣର ମୃତ୍ୟୁ

**ସାକ୍ଷୀଗୋପାଳ, ୧୫।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ବାଁବରଡ଼ା ଗାଁରେ ଥିବା ଗହୀରକୁ ଶନିବାର ଏକ ୪ବର୍ଷର ହରିଣ ପଶି ଆସିଥିଲା। ଉକ୍ତ ହରିଣକୁ ଗାଁ ଲୋକେ ଧରି ସତ୍ୟବାଦୀ ଫରେଷ୍ଟର ପ୍ରଦୀପ ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ଫରେଷ୍ଟର ପଟ୍ଟନାୟକଙ୍କ ସହ ଗୀତାଞ୍ଜଳି ବେହେରା ଓ ଭାଗୀରଥି ରାଉତ ପ୍ରମୁଖ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। ହରିଣକୁ ପୁରୀ ବାଲୁଖଣ୍ଡରେ ଛାଡ଼ିଥିଲେ ହେଁ କିଛି ସମୟ ମଧ୍ୟରେ ତା'ର ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ ମୃତ ହରିଣକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଅଖିମୁଠି ଅନୁକୂଳ

**ସାକ୍ଷୀଗୋପାଳ, ୧୫।୫(ଡି.ଏନ୍.ଏ.)**

ଅନ୍ତରପଚ୍ଛ ଗ୍ରାମ ଗହୀରରେ ଅଖିମୁଠି ଅନୁକୂଳ ହୋଇଛି। ଗାଦିବ୍ରହ୍ମ ଦେବଙ୍କ ପୀଠରେ ଅଖିମୁଠି ସାମଗ୍ରୀ ଲାଗିବାପରେ କୃଷକମାନେ ଗହୀରରେ ପହଞ୍ଚିଥିଲେ। ଗ୍ରାମ୍ୟ କୃଷି ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରତାପ ପାହାନ୍ତା ସିଂ ଓ ଚାଷୀ ରବୀନ୍ଦ୍ର ନାଥ ଶତପଥୀ ପୂଜାର୍ଚ୍ଚନା କରି ବିଲରେ ଧାନ ବୁଣିଥିଲେ। ନରହରି ମିଶ୍ର, ଅନନ୍ତ ଭୋଳ, ସୁଦର୍ଶନ ସ୍ୱାଇଁ ବୃନ୍ଦାବନ ସାହୁ, ଅରକ୍ଷିତ ରାଉତ ଏବଂ କୈଳାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ରଥ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସେବାୟତଙ୍କୁ ଶନିବାର ଅକ୍ଷୟ ତୃତୀୟା ଅବସରରେ ଶାଢ଼ି ବନ୍ଧାଯାଉଛି।

# ସନ୍ତାନଙ୍କ ମଙ୍ଗଳ ପାଇଁ ଘଡ଼ି ପଥୁଲି ପୂଜା

## ଶ୍ରୀକ୍ଷେତ୍ରର ନିଆରା ପରମ୍ପରା



ଜଣେ ମହିଳା ଘଡ଼ି ପଥୁଲି ପୂଜା କରୁଛନ୍ତି।

**ପୁରୀ ଅଫିସ, ୧୫।୫**

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶନିବାର ଶ୍ରୀକ୍ଷେତ୍ରରେ ଘଡ଼ି ପଥୁଲି ପୂଜା ସମ୍ପନ୍ନ ହୋଇଛି। ବିଶେଷକରି ମା'ମାନେ ନିଜ ସନ୍ତାନଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଏହି ପୂଜା କରିଥାନ୍ତି। ପୁରୀରେ ବାସ କରୁଥିବା ସେବକ, ବ୍ରାହ୍ମଣ ଓ କେତେ ଜଣ ଗୃହସ୍ଥ ପରିବାରରେ ଘଡ଼ି ପଥୁଲି ପୂଜା କରାଯାଇଥାଏ। ମା' ଷଷ୍ଠୀ ଦେବୀଙ୍କ ନିକଟରେ ଘଡ଼ି ପଥୁଲି ପୂଜା କରାଯିବା ପରେ ଉକ୍ତ ଘଡ଼ି ପଥୁଲିଗୁଡ଼ିକୁ କୁନି କୁନି ପିଲାଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ଅକ୍ଷୟତୃତୀୟା ପୂର୍ବଦିନ ମାଟିରେ ନିର୍ମିତ ହୋଇଥିବା ଘଡ଼ିପଥୁଲିରେ ଚୂନ, ଅଳତା ଓ ବିଭିନ୍ନ ରଙ୍ଗ ଲଗାଯାଇ ତାକୁ ଚିତ୍ରବିଚିତ୍ର କରାଯାଇଥାଏ। ଅକ୍ଷୟତୃତୀୟା ଦିନ ଠାକୁର ଘରେ ପଞ୍ଚମୁରୁଜରେ କୋଷ୍ଠି କଟାଯାଇ ଘଡ଼ିପଥୁଲିଗୁଡ଼ିକୁ ରଖାଯାଏ। ଘଡ଼ିପଥୁଲିରେ ଚୂଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ, ଆଦି ନାନା ପ୍ରକାର ଫଳ ଓ କଣ୍ଢେଇ ରଖାଯାଇ ମା ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଏ। ଏହି ପୂଜା କଲେ ସନ୍ତାନସନ୍ତତିଙ୍କ ଆୟୁଷ ବଢ଼ିବା ସହ ଘରେ ମା' ଲକ୍ଷ୍ମୀ ବାସ କରନ୍ତି ବୋଲି ବିଶ୍ୱାସ ରହିଛି।

# ସ୍ୱର୍ଗଦ୍ୱାର ନୂତନ ପିଣ୍ଡି ଲୋକାର୍ପିତ

**ପୁରୀ ଅଫିସ, ୧୫।୫**

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶନିବାର ପୁରୀ ସ୍ୱର୍ଗଦ୍ୱାରର ନୂତନ ଶବଦାହ ପିଣ୍ଡିକୁ ଜିଲାପାଳ ସମର୍ଥ ବର୍ମା ଲୋକାର୍ପଣ କରିଛନ୍ତି। ଏଥିସହ ବିଧିବଦ୍ଧ ଭାବେ ନୂତନ ପିଣ୍ଡିରେ ଶବଦାହ କରାଯାଇଛି। ଏଠାରେ ୨୮ଟି ପିଣ୍ଡି, ଅସ୍ଥି ଲକର, ଆଲୋକୀକରଣ, ସିସିଟିଭି ଓ କାଠବୁହା ପାଇଁ ସ୍ୱତନ୍ତ୍ର ଟ୍ରଲି ବ୍ୟବସ୍ଥା ରହିଛି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ମଧ୍ୟ ଲାଗୁ ହୋଇଛି। କିଛିଦିନ ତଳେ ଜିଲା ପ୍ରଶାସନ ଦ୍ୱାରା ଡ୍ରାଏ ରନ୍ କରି ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା। ବ୍ୟବସ୍ଥା କାର୍ଯ୍ୟକାରୀ ଉପଯୋଗୀ ହେବା ପରେ ଏହାକୁ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ଓ ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାର କାଉଣ୍ଟରରେ ଅର୍ଥ ପଇଠ କରି ଗୋଟିଏ ଜାଗାରୁ କାଠ, ଘିଅ ପ୍ରଭୃତି ଅନ୍ତ୍ୟେଷ୍ଟି କ୍ରିୟାରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀ କିଣିପାରିବେ। ଶବଦାହ ପାଇଁ ୫୦ ଜଣ ଦାହକ ରହିଛନ୍ତି। ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ପ୍ରତୀକ୍ଷା ଗୃହ, ଗାଡ଼ି ପାର୍କିଂ ଷ୍ଟାଣ୍ଡ ପ୍ରଭୃତିର ବ୍ୟବସ୍ଥା ହୋଇଛି। ସ୍ୱର୍ଗଦ୍ୱାର ପ୍ରଶାସନିକ ବିଭାଗ ଗୃହ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।



ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

# ହଇରାଣ ହେଉଛନ୍ତି ପରିବା ବ୍ୟବସାୟୀ

- ବେପାର ପାଇଁ ସ୍ଥାନ ବ୍ୟବସ୍ଥା କରୁନି ପ୍ରଶାସନ
- ଗହଳି ହେଲେ ଓଜନ ଯନ୍ତ୍ର ଉଠାଇ ନେଉଛି ପୋଲିସ

**ପୁରୀ ଅଫିସ, ୧୫।୫**

ବଡଶଙ୍ଖ ଅଞ୍ଚଳରେ ସାମାଜିକ ଦୂରତା ରକ୍ଷାକରି ପରିବା ବିକ୍ରି ପାଇଁ ପୁରୀ ମ୍ୟୁନିସିପାଲିଟିର ନିର୍ଦ୍ଦେଶ ପରେ ରେଡକ୍ରସ୍ ରୋଡ୍‌ରେ ପରିବା ବ୍ୟବସାୟୀମାନଙ୍କୁ ଦେଖିବାକୁ ମିଳୁଛି। ଅଣଓସାରିଆ ରେଡକ୍ରସ୍ ରୋଡ୍ ରାସ୍ତାରେ ପରିବା ବେପାରୀ ପସରା ମେଲାଉଥିବାରୁ ଗହଳି ସହ ଯାତାୟାତରେ ସମସ୍ୟା ଉପୁଜୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଅଭିଷେକ ସାହୁ କହିଛନ୍ତି, ପରିବା ବ୍ୟବସାୟୀମାନେ ରେଡକ୍ରସ୍ ରୋଡ୍‌ରେ ବସୁଥିବାରୁ ପ୍ରବଳ ଭିଡ ହେଉଛି। ଏଥିଯୋଗୁ ସାମାଜିକ ଦୂରତା ଭଙ୍ଗ ହେବା ସହ ସଂକ୍ରମଣ ବୃଦ୍ଧିର ଆଶଙ୍କା ରହୁଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଶୁକ୍ରବାର ବିରୋଧ ପ୍ରଦର୍ଶନ କରିବା ପରେ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ୨୦ଜଣ ଦୋକାନୀଙ୍କ ଓଜନ ମେଶିନ୍ ନେଇଯାଇଥିଲା। ଏହାପରେ ସଂପୃକ୍ତ ଦୋକାନୀମାନେ ଅଣ୍ଡରଟେକିଂ ଲେଖି ଥାନାରୁ ଆସିଛନ୍ତି। ଆସନ୍ତା ସୋମବାରଠାରୁ ସେଠାରେ ପରିବା ବିକ୍ରି କରିବେ ନାହିଁ ବୋଲି ସେମାନେ ଜଣାଇଥିବା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ପରିବା ବେପାରୀମାନଙ୍କୁ ବଡଶଙ୍ଖରେ ବେପାର କରିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଅନୁମତି ନାହିଁ। ସଂକ୍ରମଣ ଦୃଷ୍ଟିରୁ ପ୍ରଶାସନ ପ୍ରତ୍ୟେକଙ୍କୁ ୩୦ ଫୁଟ୍‌ର ଦୂରତା ରକ୍ଷା କରିବା ପାଇଁ କହିଥିଲା। ମାତ୍ର ଏଭଳି ହେବା ଦ୍ୱାରା ସବୁ ଦୋକାନୀ ବେପାର କରିପାରିବା ଭଳି ଜାଗା ନାହିଁ ବୋଲି ଦୋକାନୀମାନେ ଅଭିଯୋଗ କରିଥିଲେ। ପରେ ବଡଶଙ୍ଖ ପରିବା ମାର୍କେଟକୁ ସାମୟିକ ଭାବେ ବନ୍ଦ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ଲକଡାଉନ୍ ଭିତରେ ପରିବା ବେପାରୀମାନେ ପେଟପାଟଣା ପାଇଁ ବାଧ୍ୟ ହୋଇ ଏଣେତେଣେ ବୁଲି ପରିବା ବିକ୍ରି କରିବାରେ ଲାଗିଛନ୍ତି। ଗଳିକନ୍ଦିରେ ବେପାର କରୁଥିବାରୁ ଗହଳି ବଢ଼ିଯାଉଛି ଓ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଏନେଇ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ୩୦ ଫୁଟ୍ ଦୂରତାରେ ବେପାର କରିବା ପାଇଁ ବେପାରୀମାନେ ରାଜି ହୋଇ ନ ଥିଲେ। ତେଣୁ ବାଧ୍ୟ ହୋଇ କାହାରିକୁ ବେପାର କରିବାକୁ ଅନୁମତି ମିଳିନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ପରିବା ବେପାରୀମାନଙ୍କ ପାଇଁ ପ୍ରଶାସନ ଏକ ପ୍ରଶସ୍ତ ସ୍ଥାନର ବ୍ୟବସ୍ଥା କାହିଁକି କରୁନାହିଁ। ତୁରନ୍ତ ବିକଳ୍ପ ବ୍ୟବସ୍ଥା କରା ନ ଗଲେ ପରିବା ବ୍ୟବସାୟୀମାନେ ପେଟପାଟଣା ପାଇଁ ହଇରାଣ ହେବେ। ପରିବା ବ୍ୟବସାୟୀ ରାଜେଶ ପାତ୍ର କହିଛନ୍ତି, ପ୍ରଶାସନ ସମସ୍ତଙ୍କୁ ବେପାର କରିବାକୁ ଜାଗା ଯୋଗାଇପାରୁନାହିଁ। ଫଳରେ ଆମେ ନିଜ ନିଜ ଇଚ୍ଛା ମୁତାବକ ଭିନ୍ନ ଭିନ୍ନ ସ୍ଥାନରେ ବେପାର କରିବାକୁ ବାଧ୍ୟ ହେଉଛୁ। ସେଠାରେ ଗହଳି ହେଲେ ପୋଲିସ ଆସି ଉଠାଇ ଦେଉଛି। ନାନାଦି ହୀନସ୍ତା ହେବା ସତ୍ତ୍ୱେ ମଧ୍ୟ ପରିବାର ପ୍ରତିପୋଷଣ ପାଇଁ ବେପାର କରିବାକୁ ଆମେ ବାଧ୍ୟ। ଆମ ସମସ୍ୟାକୁ ବୁଝି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।



## ହନୁମାନ ମନ୍ଦିର ନିର୍ମାଣ ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଗ୍ରାମରେ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏକ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ବରିଷ୍ଠ ନାଗରିକ ଗୌରାଙ୍ଗ ପଣ୍ଡା କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ଏକ ଜଗତ କଲ୍ୟାଣ ପାଇଁ ହୋମଯଜ୍ଞର କୋଭିଡ୍ ନିୟମ ଅନୁଯାୟୀ ଆୟୋଜନ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରସନ୍ନ କୁମାର ପଣ୍ଡା, କାର୍ତ୍ତିକ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅନନ୍ତ ପୁରୁଷୋତ୍ତମ ଦେବ ମନ୍ଦିରରେ ରଥକାଠ ଅନୁକୂଳ



ଖୋର୍ଦ୍ଧା ଅଫିସ,୧୫।୫: ପବିତ୍ର ଅକ୍ଷୟତୃତୀୟା ଅବସରରେ ଶନିବାର ଖୋର୍ଦ୍ଧା ଉପକଣ୍ଠ ଜାଗୁଳିପାଟଣାର ଅନନ୍ତ ପୁରୁଷୋତ୍ତମ ଦେବ ମନ୍ଦିରରେ ରଥକାଠ ଅନୁକୂଳ ସମ୍ପନ୍ନ ହୋଇଛି। ଏଠାରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ପୂର୍ଣ୍ଣବିଗ୍ରହ (ହାତଗୋଡ଼ ଥିବା ଠାକୁର) ପୂଜା ପାଇଥାନ୍ତି। ଚଳିତ ବର୍ଷ ରଥ ନିର୍ମାଣ ନିମନ୍ତେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ସହ ରଥ କାଠ ଅନୁକୂଳ କରାଯାଇଛି। ଅର୍ଜୁନ ମହାରଣା ରଥକାଠ ଅନୁକୂଳ କରିଥିଲେ। ଏହି ଅବସରରେ ମନ୍ଦିର ମୁଖ୍ୟ ପୂଜକ ତଥା ସାଧୁ କମଳ ଲୋଚନ ମହାରାଜଙ୍କ ସମେତ ୩ଜଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ କରୋନା ମହାମାରୀ ଯୋଗୁ କେବଳ ବିଧି ରକ୍ଷା ପାଇଁ ସ୍ୱଳ୍ପ ସଂଖ୍ୟକ ଭକ୍ତଙ୍କୁ ନେଇ ଘୋଷଯାତ୍ରା ହୋଇଥିଲା। ଚଳିତବର୍ଷ ମଧ ସେହିଭଳି ହେବାର ସମ୍ଭାବନା ରହିଛି।

### କରୋନା ଆକ୍ରାନ୍ତ ଚାଷୀଙ୍କ ମୃତ୍ୟୁ

ପିପିଲି,୧୫।୫: (ସ୍ୱ.ପ୍ର.):ପିପିଲି ବ୍ଲକ ଦାଣ୍ଡମୁକୁନ୍ଦପୁର ଗ୍ରାମର ବ୍ରଜବିହାରୀ ମିଶ୍ର (୬୧)ଙ୍କର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସଫଳ ନଡ଼ିଆ ଚାଷୀ। ସେ କୁସଂସ୍କାର ତଥା ଅନ୍ଧବିଶ୍ୱାସ ନେଇ ଲୋକଙ୍କୁ ସଚେତନ କରୁଥିଲେ। ସେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ରାଜସ୍ୱ ବିଭାଗର ଜମିଜମା ଓ ନକ୍ସା ସମେତ ଦାଣ୍ଡମୁକୁନ୍ଦପୁର ଗ୍ରାମର ଶ୍ରୀଗୋପୀନାଥ ଦେବଙ୍କ ବାଣଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଆତସବାଜି ପ୍ରସ୍ତୁତି ଉପରେ ତାଙ୍କର ବିଶେଷ ଜ୍ଞାନ ଥିଲା। ତାଙ୍କ ମୃତ୍ୟୁରେ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୧୨ଦିନରେ ୧.୫୨ଲକ୍ଷ ଜରିମାନା ଆଦାୟ

ବାଲୁଗାଁ,୧୫।୫(ଡି.ଏନ୍.ଏ.):ଆଜକୁ ଲକ୍‌ଡ଼ାଉନ ୧୨ଦିନ ଅତିବାହିତ ହୋଇଯାଇଛି। ହେଲେ କେତେଜଣ ଅମାନିଆ ନିୟମ ମାନୁ ନ ଥିବାରୁ ସ୍ଥିତି ସୁଧାରି ହେଉନାହିଁ। ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ କୋଭିଡ୍ କଟକଣା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯାଉଛି। କିନ୍ତୁ ଅମାନିଆମାନେ ଏହି ନିୟମକୁ ଖାତିର ନ କରି ପୋଲିସ୍ ହାତରେ ଧରାପଡ଼ି ବାରମ୍ବାର ଜରିମାନା ଗଣୁଛନ୍ତି। ଗତ ୪ତାରିଖରୁ ଲକଡ୍‌ଉନ କାର୍ଯ୍ୟକାରୀ ହୋଇଥିବା ବେଳେ ଏହି ୧୨ଦିନ ମଧ୍ୟରେ ଅମାନିଆଙ୍କଠାରୁ ମୋଟ ୧ଲକ୍ଷ ୫୨ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ୍ ସୂଚନା ଦେଇଛନ୍ତି। ଦୈନନ୍ଦିନ ବାଲୁଗାଁ ଗାନ୍ଧୀ ଛକ, ରେଲୱେ ଓଭରବ୍ରିଜ୍, ଚିଲିକା କୂଳ ମାଛ ଗୋଦାମ ଓ ମନ୍ଦିର ଆଦି ସ୍ଥାନରେ ପୋଲିସ ଉପସ୍ଥିତ ରହି ଚେକିଂ କରୁଛି। ଆଗାମୀ ଦିନରେ ଅମାନିଆ ସାବାଡ଼ ନ ହେଲେ ଯାନବାହନ ଜବତ କରାଯିବା ସହ ଜରିମାନା ଅର୍ଥକୁ ଦ୍ୱିଗୁଣିତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଅସହାୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ

ଜଟଣୀ,୧୫।୫(ଡି.ଏନ୍.ଏ.): କରୋନା ଯୋଗୁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଚାଲିଥିବାବେଳେ ଅସହାୟ, ନିରାଶ୍ରୟ, ଗରିବ ଲୋକମାନେ ବଞ୍ଚିବା କଷ୍ଟକର ହୋଇପଡୁଛି। ତେବେ ଏଭଳି ସମୟରେ ଅସହାୟ, ଗରିବମାନଙ୍କୁ ରନ୍ଧାଖାଦ୍ୟ ଯୋଗାଉଛି ଜଟଣୀ ପାଣ୍ଡବ ଜେନା ଫାଉଣ୍ଡେଶନ। ଫାଉଣ୍ଡେଶନର ଅଧକ୍ଷ ତଥା ଖୋର୍ଦ୍ଧା ଜିଲା ବିଜେଡି ଉପଦେଷ୍ଟା ସନ୍ତୋଷ ଜେନା ଖୋର୍ଦ୍ଧା ଓ ଜଟଣୀର ବିଭିନ୍ନ ବସ୍ତି, ଅଞ୍ଚଳ ବୁଲି ଯେଉଁ ଅସହାୟ ଓ ନିରାଶ୍ରୟ ଖାଇବାକୁ ପାଉନାହାନ୍ତି,ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ସହ ମାସ୍କ, ସାନିଟାଇଜର ଯୋଗାଇ ଦେଉଛନ୍ତି। ଅଧକ୍ଷ ଜେନାଙ୍କୁ ଯୁବ ସ୍ୱେଚ୍ଛାସେବୀ ସର୍ବେଶ୍ୱର ଖେଲାର, ରତିକାନ୍ତ ବେହେରା, ସନ୍ତୋଷ ସାହୁ, ଲିକୁନ୍ ରଣସିଂ, ପପୁ କୁମାର ଏବଂ ସୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଛନ୍ତି। ସେହିପରି ଜଟଣୀ ରାଣୀପୁରରେ ବାପା'ମା ସେବାଶ୍ରମର ପ୍ରତିଷ୍ଠାତା ତଥା ବିଶ୍ୱକର୍ମା ମହାସଭା ସଂଗଠନର ରାଜ୍ୟ ସଭାପତି ଗୌତମ ମହାରଣା ମଧ ଗରିବଙ୍କୁ ରନ୍ଧାଖାଦ୍ୟ ଦିଅନ୍ତି। ଏଥିରେ ସେବାଶ୍ରମର ସମ୍ପାଦକ ଧୀରେନ ଛୋଟରାୟ,ମାନସ ସ୍ୱାଇଁ,ଅଶୋକ ଜେନା ପ୍ରମୁଖ ସହଯୋଗ କରିଛନ୍ତି।

# ସାକ୍ଷୀଗୋପାଳ, ଅଲାରନାଥଙ୍କ ଚନ୍ଦନ ଯାତ୍ରା

ସାକ୍ଷୀଗୋପାଳ/ବ୍ରହ୍ମଗିରି/କାକଟପୁର, ୧୫।୫(ଡି.ଏନ୍.ଏ.)

ପବିତ୍ର ଅକ୍ଷୟତୃତୀୟା ଅବସରରେ ସାକ୍ଷୀଗୋପାଳ ଓ ଅଲାରନାଥ ଠାକୁରଙ୍କ ୨୧ଦିନ ବ୍ୟାପି ଚନ୍ଦନ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ସାକ୍ଷୀଗୋପାଳ ଠାକୁରଙ୍କୁ ଚନ୍ଦନ, ଆଲଟଲାଗି, ପଣାଭୋଗ ପରେ ବିଜେ ପ୍ରତିମା ମଦନମୋହନ ବିମାନକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପରେ ସଂସ୍କାର ହୋମ କରାଯାଇଛି। ମଦନମୋହନ ଚାପକୁ ବିଜେ କରିବା ପରେ ଦିନ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଚନ୍ଦନସ୍ନାନ, ଟାହିଆ ଲାଗି, ଜାତଭୋଗ ସହିତ ପରମ୍ପରାକ୍ରମେ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ରାତି ଚାପଖେଳ ସରିବା ପରେ ପନ୍ତିଭୋଗ ଓ ପଟୁଆରରେ ଠାକୁର ମନ୍ଦିରକୁ ଫେରିଥିଲେ। କୋଭିଡ୍ କଟକଣା ପାଇଁ



ଜଣେ ସେବାୟତ ଶ୍ରୀଜୀଉଙ୍କୁ ଜଳକ୍ରୀଡ଼ା ପାଇଁ ନେଉଛନ୍ତି।

ମନ୍ଦିରଠାରୁ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଥିବାରୁ ବିନାଭକ୍ତରେ ଏବଂ କେବଳ ପାଳିଆ ସେବକମାନଙ୍କୁ ନେଇ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଛି। ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ। ସେହିଭଳି ବ୍ରହ୍ମଗିରି ଅଲାରନାଥଙ୍କ ଚନ୍ଦନ ଯାତ୍ରାରେ କୋଭିଡ୍ ଦୃଷ୍ଟିରେ ରଖି ଭକ୍ତଙ୍କୁ ବାରଣ କରାଯାଇଛି। ଏନେଇ ଅଲାରନାଥ ମନ୍ଦିରଠାରୁ ବ୍ରହ୍ମଗିରି ବଜାର ଏବଂ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଛି। ଫଳରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ଭକ୍ତ ଶୂନ୍ୟ ହୋଇଥିଲା। ଶନିବାର ଭୋର ୪ଟାରୁ ମନ୍ଦିର ଫିଟାଯାଇ ମଙ୍ଗଳ ଆଳତି, ବେଶ ଓ ମଧ୍ୟାହ୍ନରେ ଧୂପ ପରେ ଶ୍ରୀଜିଉଙ୍କୁ ଚନ୍ଦନ ବେଶ କରାଯାଇଥିଲା। ପରେ ଚଳନ୍ତି ପ୍ରତିମାଙ୍କୁ ବିମାନରେ ବସାଇ ଚାପ ପୋଖରୀକୁ ନିଆଯାଇଥିଲା। ସେଠାରେ ଶ୍ରୀଜୀଉମାନଙ୍କୁ ନେଇ ଚାପ ଡଙ୍ଗା ନନ୍ଦା ଭଦ୍ରାଙ୍କୁ ଛୁଇଁ ଚନ୍ଦନ କୁଣ୍ଡକୁ ଆସିଥିଲେ। ପରେ ରାତି ଚାପ ସାରି ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିଭଳି ଅକ୍ଷୟ ତୃତୀୟା ତିଥିରୁ କାକଟପୁର ମା' ମଙ୍ଗଳାଙ୍କ ପୀଠରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ମା'ଙ୍କର ସନ୍ଧ୍ୟା ଆଳତି ପରେ ୭ଟାରେ ଏକ ସୁସଜ୍ଜିତ ବିମାନରେ ରାଧା କୃଷ୍ଣଙ୍କ ଯୁଗଳ କାକଟପୁରସ୍ଥ ଚନ୍ଦନ ବଜାରରେ ଥିବା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଫେରିଥିଲେ।



ପୁରୀରେ କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ଠାକୁରଙ୍କୁ ସେବକମାନେ ଚାପକୁ ନେଉଛନ୍ତି।

## ୪ ଗ୍ରାମ ୭ଦିନ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ବୋଲଗଡ,୧୫।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ରୋକିବାକୁ ନେଇ ବୋଲଗଡ ବ୍ଲକର ୪ଟି ଗ୍ରାମକୁ ୭ଦିନ ପାଇଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସାନପଦର ପଞ୍ଚାୟତର ସାନପଦର ଓ କୃଷ୍ଣଶରଣପୁର, ଖଙ୍ଗୁରିଆ ପଞ୍ଚାୟତର ଖଙ୍ଗୁରିଆ, ଡାବରଧୁଆପାଟଣା ପଞ୍ଚାୟତର କାପାସିଆ ଗ୍ରାମରେ ଗତ କିଛିଦିନ ମଧ୍ୟରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ଅଞ୍ଚଳଗୁଡ଼ିକୁ ଆସନ୍ତା ୨୦ ତାରିଖ ରାତି ୯ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଖୋର୍ଦ୍ଧା ଉପଜିଲାପାଳ ଘୋଷଣା କରିଛନ୍ତି। ତେବେ ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶନିବାର ସୁଦ୍ଧା ସ୍ଥାନୀୟ ବ୍ଲକ ଅଞ୍ଚଳରେ ୩୧୪ଜଣ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪୯ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସିତ ହେଉଥିବାବେଳେ ସେଥିରୁ ୧୧ଜଣ କୋଭିଡ୍ ଡାକ୍ତରଖାନାରେ ଏବଂ ୧୩୮ଜଣ ଗୃହ ସଙ୍ଗରୋଧରେ ଅଛନ୍ତି।

## ଉପଖଣ୍ଡରେ ବଢୁଛି ସୁସ୍ଥ ହାର

ଖୋର୍ଦ୍ଧା ଅଫିସ,୧୫।୫

ଖୋର୍ଦ୍ଧା ଉପଖଣ୍ଡ (ଖୋର୍ଦ୍ଧା, ବେଗୁନିଆ, ବୋଲଗଡ, ଟାଙ୍ଗୀ, ଚିଲିକା, ବାଣପୁର ଆଦି ୬ଟି ବ୍ଲକ୍, ଖୋର୍ଦ୍ଧା ପୌରାଞ୍ଚଳ ଏବଂ ବାଲୁଗାଁ ଓ ବାଣପୁର ଏନ୍‌ଏସି)ରେ କରୋନା ଆକ୍ରାନ୍ତଙ୍କ ସୁସ୍ଥହାର ବଢ଼ିଛି। ଗତ ୨୪ଘଣ୍ଟା ମଧ୍ୟରେ ୧୪୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୧୫ଜଣ ସୁସ୍ଥ ହୋଇଛନ୍ତି ବୋଲି ଉପଜିଲ୍ଲାପାଳ ଅଶୋକ ବେଉରିଆ ସୂଚନା ଦେଇଛନ୍ତି। ୮୪୬ ସକ୍ରିୟ ମାମଲା ରହିଥିବାବେଳେ ହୋମ୍ ଆଇସୋଲେଶନରେ ୭୨୨ ଏବଂ ବିଭିନ୍ନ ମେଡିକାଲରେ ୮୩ଜଣ ଚିକିତ୍ସିତ ହେଉଛନ୍ତି । ଶନିବାର ସୁଦ୍ଧା ମୋଟ ୨୧୧୪ ଆକ୍ରାନ୍ତ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୧୩୦୯ ଜଣ ସୁସ୍ଥ ହୋଇଛନ୍ତି । ଉପଖଣ୍ଡରେ ସୁସ୍ଥ ହାର ୬୧.୯୨% ଥିବାବେଳେ ସକ୍ରିୟ ହାର ୩୮.୦୮% ରହିଛି ବୋଲି ସେ କହିଛନ୍ତି ।

### ୪ ପଞ୍ଚାୟତର ୫ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ଅନ୍ୟପକ୍ଷରେ ଉପଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକ୍‌ର ୪ଟି ପଞ୍ଚାୟତର ୫ଟି ଗାଁ ଯଥା ବାଜପୁର ପଞ୍ଚାୟତର ବାଜପୁର, ଧଉଳିମୁହଁ ପଞ୍ଚାୟତର ଧଉଳିମୁହଁ, ଜଙ୍କିଆର ପଞ୍ଚାୟତର ଜଙ୍କିଆ, ଟାଙ୍ଗିଆପଡା ପଞ୍ଚାୟତର କୁମାରବସ୍ତ ଏବଂ ପାଇକତିଗିରିଆ ଗାଁକୁ ଶନିବାରଠାରୁ ୭ଦିନ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ଏହି ଆଦେଶ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଉପଜିଲାପାଳ ବେଉରିଆ କହିଛନ୍ତି।

## ବରପଦା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ବେଗୁନିଆ,୧୫।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଶୁକ୍ରବାର ବ୍ଲକରେ ରେକର୍ଡ ସଂଖ୍ୟକ ୩୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ କୁଞ୍ଜୁରି ପଞ୍ଚାୟତ ବରପଦା ଗାଁରୁ ସର୍ବାଧିକ ୧୬ଜଣ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସୁରକ୍ଷା ଦୃଷ୍ଟିରେ ରଖି ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସୁପାରିସ କ୍ରମେ ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଏହା ୧୫ତାରିଖ ସନ୍ଧ୍ୟା ୭ଟାରୁ ୨୧ତାରିଖ ରାତି ୯ଟା ପର୍ଯ୍ୟନ୍ତ ଘୋଷଣା ବଳବତ୍ତର ରହିବ। ଏଥିସହ ଗାଁକୁ ବିଶୋଧନ କରିବା ପାଇଁ ବେଗୁନିଆ ଅଗ୍ନିଶମ ବିଭାଗକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉକି ଏହି ବ୍ଲକ ଅଞ୍ଚଳରେ ୨୫୫ଜଣ ସଂକ୍ରମିତ ହୋଇଥିବାବେଳେ ସେଥିରୁ ୧୫୯ଜଣ ସୁସ୍ଥ ହୋଇସାରିଲେଣି। ଅନ୍ୟ ୯୬ଜଣ ହୋମ ଆଇସୋଲେଶନରେ ଚିକିତ୍ସାଧୀନ ଅଛନ୍ତି।

## ଅକ୍ଷିମୁଠି ଅନୁକୂଳ କଲେ ସୁରେଶ ରାଉତରାୟ

ଜଟଣୀ,୧୫।୫(ଡି.ଏନ୍.ଏ.)

ପବିତ୍ର ଅକ୍ଷୟତୃତୀୟା ତିଥିରେ ଜଟଣୀରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ ହୋଇଛି। ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତର ପାଣିଅରାଠାରେ ଜମିରେ ବିଧି ଓ ପରମ୍ପରା ଅନୁଯାୟୀ ବିଧାୟକ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, କୃଷକ ହେଉଛନ୍ତି ଆମର ଜୀବନ ରକ୍ଷକ। ସେମାନେ ଖେତରେ ଖରାବର୍ଷା ସହି ଆମ ପାଇଁ ଶସ୍ୟ ଉତ୍ପାଦନ



କରିଲେ ଯାଇ ଆମେ ବଞ୍ଚିବା। ତେଣୁ କୃଷକ ଭାଇମାନେ ଚିର ନମସ୍ୟ। ସେମାନେ ସଦାସର୍ବଦା ସମାଜର ମଙ୍ଗଳ ଚିନ୍ତା କରୁଥିବାରୁ କୃଷକମାନେ ସମସ୍ତଙ୍କଠାରୁ ଊର୍ଦ୍ଧ୍ୱରେ। ଏଥିରେ କଂଗ୍ରେସର ବହୁ ନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ଆଶୁତୋଷ



@ନର୍ଗିସ



@ ପ୍ରଦ୍ୟୁମ୍ନ



@ ସାଇଗୀତା



@ ନଳିନୀ



@ ବିଶ୍ୱରଞ୍ଜନ

# ଅସହାୟଙ୍କ ସାହା ପାଲଟିଛନ୍ତି ଜଳନ୍ଧର

ନିରାକାରପୁର,୧୫।୫(ଡି.ଏନ୍.ଏ.)

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବାରୁ ପ୍ରତିହତ କରିବା ପାଇଁ ସରକାର ଲକଡାଉନ ଓ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଥିଯୋଗୁ ବିଭିନ୍ନ ଜାଗାରେ ନିରାଶ୍ରୟ, ଅସହାୟ, ଭିକ୍ଷୁକ, ମାନସିକ ବିକାରଗ୍ରସ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏମାନଙ୍କ ପାଇଁ ଗୋଟିଏ ଓଳି ଖାଇବା ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏଭଳି ବିପତ୍ତି ସମୟରେ ଜଣେ ବ୍ୟକ୍ତି ଅସହାୟମାନଙ୍କୁ ଖାଦ୍ୟ, ଔଷଧ ଦେବା ସହ ସ୍ୱାସ୍ଥ୍ୟ ସେବା ଓ ମେଡିକାଲ ପହଞ୍ଚାଇ ମାନବିକତାର ପରିଚୟ ଦେଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ନିଧିପୁର ଗ୍ରାମର ଜଳନ୍ଧର



ମାନସିକ ରୋଗୀଙ୍କ ଚୁଟି କାଟୁଛନ୍ତି ଜଳନ୍ଧର।

ପାଇକରାୟ। ସେ ପେସାରେ ଜଣେ କାର୍ ଡ୍ରାଇଭିଂ ଶିକ୍ଷକ ଥିବାବେଳେ ଅସହାୟ, ଦୁଃଖୀଙ୍କୁ ସେବା କରିବା ତାଙ୍କ ନିଶା ପାଲଟିଛି। ବାଟରେ ଘାଟରେ ଯେକେହି ବି ଅସହାୟ ଅବସ୍ଥାରେ ଥିବା ଦେଖିଲେ ଜଳନ୍ଧର ପାଖକୁ ଯାଇ ନିଜସ୍ୱ ଚେଷ୍ଟାରେ ସହାୟତା କରୁଛନ୍ତି। ଜଳନ୍ଧରଙ୍କ ପରିବାର କହିଲେ ସ୍ତ୍ରୀ ସହ ଗୋଟିଏ ଝିଅ ଓ ପୁଅ। ଜଳନ୍ଧରଙ୍କ ଏହି ସେବା ମନୋବୃତ୍ତିକୁ ଦେଖି ପରିବାର ଲୋକେ ମଧ ସହଯୋଗ କରୁଛନ୍ତି। ସେ ପାରାଦୀପ ଅଞ୍ଚଳରେ ରହି କାର୍ ଡ୍ରାଇଭିଂ ଶିକ୍ଷାଦାନ କରୁଥିବାବେଳେ ଏବେ ଲକଡାଉନ ଯୋଗୁ ଘରକୁ ଚାଲିଆସିଛନ୍ତି। ଘରେ ରହିବା ସମୟରେ ଟିଭି, ଖବରକାଗଜରେ ଅସହାୟଙ୍କ ଅବସ୍ଥା ଦେଖି ସାହାଯ୍ୟ କରିବାକୁ ଚିନ୍ତା କରିଥିଲେ। ରବିବାର ନିରାକାରପୁର ବଜାର ଦେଇ ଯାଉଥିବା ବେଳେ ୨ଜଣ ମାନସିକ ବିକାର ଗ୍ରସ୍ତ ରୋଗୀଙ୍କୁ ଦେଖିଥିଲେ। ସେମାନଙ୍କ ଚୁଟି କାଟିବା ସହ ସଫା ସୁତରା କରି ଖାଇବାକୁ ଦେଇଥିଲେ। ଅସହାୟଙ୍କୁ ସେବା କରିବା ଦ୍ୱାରା ସେମାନେ ଆଗ ଅପେକ୍ଷା ୫୦ ଭାଗ ସୁସ୍ଥ ହେଇଯାଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଏପରିକି ସେ ଯୁବାବସ୍ଥାରୁ ଲୋକଙ୍କୁ ସେବା କରିବାର ଇଚ୍ଛା ରଖି କାର୍ଯ୍ୟ ସମୟ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଯାଇଥିବାବେଳେ ସେଠାରେ ଅସହାୟ ଓ ନିରାଶ୍ରୟମାନଙ୍କୁ ଖାଦ୍ୟ, ଔଷଧ ଯୋଗାଇ ଦେଇଛନ୍ତି। ମାନସିକ ବିକାରଗ୍ରସ୍ତଙ୍କ ନଖ, ଚୁଟି କାଟି ସଫା କରିବା ସହ ନୂଆ ଜାମା ଦେଇଥାନ୍ତି। ଇତି ମଧ୍ୟରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେବା କରିଥିବାବେଳେ ସେବା, ସାହାଯ୍ୟ ଦ୍ୱାରା ଯେତିକି ଆନନ୍ଦ ମିଳେ, ତା'ଠାରୁ ଢେରଗୁଣ ଖୁସି ଲାଗେ। ମୋର ଏହି ସେବା ବଞ୍ଚିଥିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଳନ୍ଧର କହିଛନ୍ତି।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବାଲୁଗାଁ,୧୫।୫(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ ନିକଟସ୍ଥ ସୋଲରୀ ଷ୍ଟେଶନ ନିକଟ ରେଳ ଧାରଣାରୁ ଶନିବାର ସକାଳେ ଜଣେ ମହିଳାଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ତାଙ୍କର ପରିଚୟ ମିଳିପାରି ନ ଥିବାବେଳେ ସବୁଜ ରଙ୍ଗର ଶାଢ଼ି ପିନ୍ଧିଛନ୍ତି। ବୟସ ପାଖାପାଖି ୫୦ରୁ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଶନିବାର ସକାଳେ ସୋଲରୀ ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମ୍ୟାନ ପ୍ରଥମେ ରେଳଧାରଣାରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଖୋର୍ଦ୍ଧା ଜିଆରପି ଅଧିକାରୀ ଧରଣୀଧର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ଜିଆର୍‌ପି ପୋଲିସ ନଂ. ୨୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମାଟିତଳୁ ଭଗ୍ନାବଶେଷ ଉଦ୍ଧାର

ଟାଙ୍ଗୀ (ଖୋର୍ଦ୍ଧା),୧୫।୫(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ କୁରୀ ପଞ୍ଚାୟତ ଆକାଶପଲ୍ଲୀ ଗ୍ରାମରେ ମାଟିତଳୁ ପୁରାତନ ମନ୍ଦିରର ଭଗ୍ନାବଶେଷ ମିଳିଛି। ଭଗ୍ନାବଶେଷ ମଧ୍ୟରେ ଶିବଲିଙ୍ଗ, ବୃଷଭ, ନବଗ୍ରହ ମୂର୍ତ୍ତି ରହିଛି। ଜଣେ ଜ୍ୟୋତିଷଙ୍କୁ ସ୍ଥାନୀୟ ମନ୍ଦିର ନିକଟରେ ଠାକୁରଙ୍କ କିଛି ମୂର୍ତ୍ତି ପୋତାଯାଇଥିବା ସ୍ୱପ୍ନାଦେଶ ହେବା ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏ ନେଇ ଗ୍ରାମବାସୀ ଗାଁ ପାଖରେ ଥିବା ବେଲେଶ୍ୱର ଦେବ ମନ୍ଦିର ନିକଟରେ ମାଟି ଖୋଳିବାରୁ ଏହିସବୁ ପୁରାତନ ମୂର୍ତ୍ତି ବାହାରିଛି।